୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ
PARYABEKHYAK पर्यवेक्षक
Vol.27. No.91 Bhubaneswar Sunday May 18 2025 | ୨୭ତମ ବର୍ଷ ସଂଖ୍ୟା-୯୧ ଭୁବନେଶ୍ୱର, ରବିବାର, ମଇ ୧୮, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) | Member-INS

## ନବୀନଙ୍କ ଅମଳରେ ପୁଞ୍ଜି ନିବେଶର ଡେଷ୍ଟିନେସନ ପାଲଟିଥିଲା ଓଡ଼ିଶା, ଏବେର ବିଜେପି ସରକାର ଲାଭ ଉଠାଇବାକୁ ଆଗଭର

ଭୁବନେଶ୍ୱର,୧୭।୫(ପି.ଏନ): ନବୀନ ସରକାର ଅମଳରେ ଓଡିଶା ଥିଲା ପୁଞ୍ଜିନିବେଶର ଫେଭରିଟ ଡେଷ୍ଟିନେସନ । କେବଳ ପୁଞ୍ଜିନିବେଶ ପ୍ରସ୍ତାବ ଆସୁ ନଥିଲା ବରଂ ଶିଳ୍ପାୟନ ବାସ୍ତବ ରୂପ ନେବା ସହ ନିଯୁକ୍ତି ବି ମିଳୁଥିଲା । ୨୦୨୫ରେ ବିଜେପି ସରକାର ଉତ୍କର୍ଷ ଓଡିଶା ଆୟୋଜନ କଲେ, ୨୨ ଲକ୍ଷ କୋଟିର ପ୍ରସ୍ତାବ ଆସିଛି ବୋଲି କହିଲେ । ହେଲେ, ଏବେ ଯେଉଁ ଶିଳ୍ପ ପ୍ରତିଷ୍ଠା ପାଇଁ ଭୂମି ପୂଜନ ହେଉଛି କି ଶିଳ୍ପ ପ୍ରତିଷ୍ଠା ହେଉଛି ଏସବୁ ନବୀନ ସରକାରଙ୍କ ଅବଦାନ ବୋଲି ବିଜେଡି କହିଛି । ବିଜେପି ସରକାରରେ ଶିଳ୍ପ ପ୍ରତିଷ୍ଠା ହେଉନି କି ନିଯୁକ୍ତି ବି ସୃଷ୍ଟି ହେଉନି ବୋଲି ଅଭିଯୋଗ କରିଛି କଂଗ୍ରେସ । ହେଲେ ଶିଳ୍ପ ମନ୍ତ୍ରୀ କହିଛନ୍ତି, ଆସନ୍ତା ସପ୍ତାହରେ ୧ ଲକ୍ଷ ୧୪ ହଜାର କୋଟି ଟଙ୍କାର ଗ୍ରାଉଣ୍ଡ ବ୍ରେକିଂ ଓ ଉଦଘାଟନ କରିବେ ମୁଖ୍ୟମନ୍ତ୍ରୀ । ଯାଜପୁର ଜିଲ୍ଲାରେ ୧୬ଟି ପ୍ରକଳ୍ପର ଶୁଭାରମ୍ଭ ହେବ ବୋଲି ସୂଚନା ମିଳିଛି ।ନବୀନ ସରକାର ଅମଳରେ ଥିଲା ଓଡିଶା ପାଇଁ ଶିଳ୍ପାୟନରେ ସୁବର୍ଣ୍ଣ ଯୁଗ । ଟାଟା, ବେଦାନ୍ତ, ଆଦାନୀ, ନିପ୍ପନ ଷ୍ଟିଲ ଭଳି ଧାତବ ଶିଳ୍ପ ସହ ଆଇଟି, ପେଟ୍ରୋ-କେମିକାଲ, କୃଷି ଭିତ୍ତିକ ଶିଳ୍ପ ପାଇଁ ବଡ ବଡ କମ୍ପାନୀ ଓଡିଶାକୁ ଧାଉଁଥିଲେ । ନବୀନ ସରକାରଙ୍କ ଉଦ୍ୟମରେ ମିଳିଥିବା ପୁଞ୍ଜି ନିବେଶ ପ୍ରତିଶ୍ରୁତି ଏବେ ବାସ୍ତବ ରୂପ ନେଉଛି । ବିଜେଡି ସରକାର ବେଳେ ଶିଳ୍ପ ଅନୁକୂଳ ଭିତ୍ତିଭୂମି, ଗୋ-ସ୍ୱିଫ୍ଟ ଭଳି ତ୍ୱରିତ ସେବା, ଲ୍ୟାଣ୍ଡ ବ୍ୟାଙ୍କ ଯୋଗୁଁ



ଶିଳ୍ପପତିମାନଙ୍କ ପ୍ରଥମ ପସନ୍ଦ ପାଲଟିଥିଲା ଓଡିଶା । ବିଜେପି ସରକାର ଆସିବା ପରେ ୨୦୨୫ ଜାନୁଆରୀରେ ଆୟୋଜନ କରିଥିଲେ ଉତ୍କର୍ଷ ଓଡିଶା । ଏହି ସମ୍ମିଳନୀରେ ୧୩ ଲକ୍ଷ କୋଟି ଟଙ୍କାର ପ୍ରସ୍ତାବ ଆସିଥିଲା ବୋଲି ସରକାର କହିଲେ । ଏଥିରୁ ୯ ଲକ୍ଷ କୋଟି ଟଙ୍କାର ଏମଓୟୁ ବି ସ୍ୱାକ୍ଷରିତ ହୋଇଛି । ହେଲେ ଏସବୁ ନବୀନ ସରକାରଙ୍କ ଅବଦାନ ବୋଲି ବିଜେଡି କହିଛି । ପୋସ୍କ ?କୁ ଦିଆଯାଇଥିବା ଜାଗାରେ ଜେଏସ୍‌ଡବ୍ଲୁ କାରଖାନା ପାଇଁ ନିଷ୍ପତ୍ତି ହୋଇଥିଲେ ବି ସରକାର ବଦଳିବା ପରେ ଏହା ଧିମେଇ ଯାଇଛି । କଂଗ୍ରେସ ମଧ୍ୟ ଶିଳ୍ପାୟନ ନେଇ ବିଜେପି ସରକାରଙ୍କ ଆଭିମୁଖ୍ୟକୁ ସମାଲୋଚନା କରିଛି ।ଯାଜପୁରର କଳିଙ୍ଗ ନଗରରେ ଟାଟା ୬୩ ହଜାର କୋଟି ଟଙ୍କାର ପ୍ରକଳ୍ପ କରିବ । ୩୪ ହଜାର ଲୋକଙ୍କୁ ମିଳିବ ନିଯୁକ୍ତି । ରାଜ୍ୟକୁ ପୁଞ୍ଜିନିବେଶ ଆଣିବାକୁ ଉତ୍କର୍ଷ ଓଡିଶା ସହ ଦେଶର ବିଭିନ୍ନ ଜାଗାରେ ରୋଡ ଶୋ କରିଛନ୍ତି ବିଜେପି ସରକାର । ମେ' ୨୨ ତାରିଖରେ ୧ ଲକ୍ଷ ୧୪ ହଜାର କୋଟି ଟଙ୍କାର ଗ୍ରାଉଣ୍ଡିଙ୍ଗ ଓ ଶୁଭାରମ୍ଭ ହେବ । ଯାଜପୁର ଜିଲ୍ଲାରେ ୧୨ଟି ପ୍ରକଳ୍ପର ଶିଳାନ୍ୟାସ ଓ ୪ଟି ପ୍ରକଳ୍ପର ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ । କେବଳ ଏମଓୟୁ ନକରି ବାସ୍ତବ ରୂପାୟନ ପାଇଁ ସରକାର କାମ କରୁଛନ୍ତି ବୋଲି ଶିଳ୍ପ ମନ୍ତ୍ରୀ କହିଛନ୍ତି । କେନ୍ଦ୍ରାପଡାରେ ନିପ୍ପନ ଷ୍ଟିଲ, ପାରାଦୀପରେ ମିତ୍ତଲ ଓ ଜଗତସିଂହପୁରରେ ଜେଏସ୍‌ଡବ୍ଲୁ କାମ ଆଗଉଛି ବୋଲି ମନ୍ତ୍ରୀ କହିଛନ୍ତି ।ଶିଳ୍ପାୟନ ପାଇଁ ସାରା ଦେଶରେ ଜଣାଶୁଣା ଓଡିଶାକୁ ପୁଞ୍ଜିନିବେଶ ଆସୁଛି । କେବଳ ଧାତବ ଶିଳ୍ପ ନୁହେଁ ବରଂ ଆଇଟି, ଆଇଟିଇଏସ୍, ଖାଦ୍ୟ ପ୍ରକ୍ରିୟାକରଣ, ଗାରମେଣ୍ଟସ୍, ପେଟ୍ରୋ-କେମିକାଲ କ୍ଷେତ୍ରରେ ମଧ୍ୟ ଅନେକ ପୁଞ୍ଜିନିବେଶ ଆସୁଥିବା ବେଳେ ଏହାକୁ ବାସ୍ତବ ରୂପ ଦେବା ପାଇଁ ଆନ୍ତରିକ ଉଦ୍ୟମର ଆବଶ୍ୟକତା ରହିଛି ।

## ଭାରତରେ ରହି ପାକିସ୍ତାନ ପାଇଁ କାମ କରୁଥିଲେ, ବନ୍ଧା ହେଲେ ବ୍ଲଗର ଜ୍ୟୋତି ସମେତ ୬

ଭୁବନେଶ୍ୱର,୧୭।୫(ପି.ଏନ): ପାକିସ୍ତାନ ପାଇଁ କାମ କରୁଥିବା ୬ ଜଣ ଭାରତୀୟଙ୍କୁ ଗିରଫ କରାଯାଇଛି । ଏମାନଙ୍କ ମଧ୍ୟରେ ହରିୟାଣାର ଜଣେ ଟ୍ରାଭେଲ ବ୍ଲଗର ଅଛନ୍ତି । ଏମାନେ ସମସ୍ତେ ଭାରତରେ ରହି ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରୁଥିଲେ । ଅଳ୍ପ କିଛି ଟଙ୍କା ପାଇଁ ଦେଶ ବିରୋଧରେ କାମ କରୁଥିଲେ । ଭାରତର ସମ୍ବେଦନଶୀଳ ତଥ୍ୟକୁ ସେମାନେ ପାକିସ୍ତାନୀଙ୍କୁ ଦେଉଥିବା ଜଣାପଡିଛି । ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରୁଥିବା ନେଟୱର୍କ ହରିୟାଣାରୁ ପଞ୍ଜାବ ଯାଏ ଲମ୍ବିଛି । ପ୍ରମୁଖ ଅପରେଟିଭମାନେ ଏଜେଣ୍ଟ, ଆର୍ଥିକ ଅଧିକାରୀ ଓ ସୂଚନାଦାତା ଭାବେ କାମ କରନ୍ତି ।ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଜ୍ୟୋତି ମାଲହୋତ୍ରା ନାମକ ମହିଳା ରହିଛନ୍ତି । ଟ୍ରାଭେଲ ୱିଥ ଜୋ ନାଁରେ ତାଙ୍କର ଗୋଟିଏ ୟୁଟ୍ୟୁବ ଚ୍ୟାନେଲ ରହିଛି । ସୁରକ୍ଷା ଅଧିକାରୀମାନେ ଜାଣିବାକୁ ପାଇଛନ୍ତି ଯେ ଜ୍ୟୋତି ବେଶ କିଛି ବର୍ଷ ହେଲା ପାକିସ୍ତାନ ପାଇଁ କାମ କରୁଥିଲେ । ସେ ଟ୍ରାଭେଲ ବ୍ଲଗ କରିବା ନାଁରେ ଦେଶର ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ସମ୍ପର୍କରେ ପାକିସ୍ତାନୀ ଏଜେଣ୍ଟମାନଙ୍କୁ ତଥ୍ୟ ଦେଇଛନ୍ତି ।କମିଶନ ଏଜେଣ୍ଟଙ୍କ ଦ୍ୱାରା ଭିସା ହାସଲ କରିବା ପରେ ଜ୍ୟୋତି ୨୦୨୩ରେ ପାକିସ୍ତାନ ମଧ୍ୟ ଗସ୍ତ କରିଥିଲେ । ପାକିସ୍ତାନ ଟ୍ରିପ ବେଳେ ଇଶାନ ଉର ରହିମ ଓରଫ ଦାନିଶଙ୍କ ସହ ତାଙ୍କର ଘନିଷ୍ଠତା ବଢ଼ିଥିଲା । ଦାନିଶ ହେଉଛନ୍ତି ନୂଆଦିଲ୍ଲୀରେ ଥିବା ପାକିସ୍ତାନ ହାଇକମିଶନର ଜଣେ କର୍ମଚାରୀ । ପହଲଗାମ ନରସଂହାର ପରେ ଦାନିଶଙ୍କୁ ଭାରତ ସରକାର ନିଲମ୍ବିତ କରି ସାରିଛନ୍ତି । ଜ୍ୟୋତିଙ୍କୁ ସେ ଏକାଧିକ ପାକିସ୍ତାନୀ ଗୁଇନ୍ଦା ଅପରେଟିଭଙ୍କ ସହ ପରିଚିତ କରାଇଥିଲେ ।



## ୨୦,୦୦୦ ଟଙ୍କା ଲାଞ୍ଚ ନେଇ ବନ୍ଧା ହେଲେ ଖଣ୍ଡପଡା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ

ଭୁବନେଶ୍ୱର,୧୭।୫(ପି.ଏନ): ଓଡ଼ିଶାର ଭିଜିଲାନ୍ସ ଅଧିକାରୀମାନେ ଆଜି ନୟାଗଡ଼ର ଖଣ୍ଡପଡା ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ ଧଳଙ୍କୁ ଜଣେ ଠିକାଦାରଙ୍କଠାରୁ ୨୦,୦୦୦ ଟଙ୍କା ଲାଞ୍ଚ ମାଗି ଓ ଗ୍ରହଣ କରିଥିବା ଅଭିଯୋଗରେ ଗିରଫ କରିଛନ୍ତି ।ନିରଞ୍ଜନ କଥିତ ରୂପେ ଠିକାଦାରଙ୍କ ବିଲ୍ ମଞ୍ଜୁର କରିବା ପାଇଁ ୨୦,୦୦୦ ଟଙ୍କା ଲାଞ୍ଚ ମାଗିଥିଲେ । ଠିକାଦାର ଏହି ବିଷୟକୁ ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ । ପରେ ଏକ ଜାଲ ବିଛାଇ ଧଳଙ୍କୁ ଆଜି ତାଙ୍କ ସରକାରୀ ବାସଭବନରେ ଲାଞ୍ଚ ଗ୍ରହଣ କରୁଥିବା ବେଳେ ତାଙ୍କ ସହ ଧରାଯାଇଥିଲା ।ସମସ୍ତ ଲାଞ୍ଚ ଟଙ୍କା ଧଳଙ୍କ କବଜାରୁ ଉଦ୍ଧାର କରାଯାଇ ଜବତ କରାଯାଇଛି, ବୋଲି ସତର୍କତା ବିଭାଗ ଏକ ବିବୃତିରେ କହିଛି । ଭିଜିଲାନ୍ସ ଅଧିକାରୀମାନେ ବର୍ତ୍ତମାନ ଧଳଙ୍କ ସହ ଜଡ଼ିତ ପାଞ୍ଚଟି ସ୍ଥାନରେ ଏକକାଳୀନ ତଦନ୍ତ କରୁଛନ୍ତି ଯାହା ତାଙ୍କ ଦ୍ୱାରା ସଂଗ୍ରହ କରିଥିବା ଆୟ ବହିର୍ଭୁତ ସମ୍ପତ୍ତି (ଉଇ) ଖୋଜୁଛନ୍ତି ।

## ରାଜଧାନୀରୁ ଦେଶୀ ମଦ ଜବତ, ୫ ଗିରଫ

ଭୁବନେଶ୍ୱର,୧୭।୫(ପି.ଏନ): ଭୁବନେଶ୍ୱରସ୍ଥିତ ବାଲିଅନ୍ତା, ହଳଦୀପଡିଆ ଓ ଫୁଲେଶ୍ୱରୀ ବସ୍ତିରେ ଜବତ ହୋଇଛି ପ୍ରଚୁର ପରିମାଣର ଦେଶୀ ମଦ । ଅବକାରୀ ବିଭାଗ ଏଠାରେ ଚଢ଼ାଉ କରିବା ସହିତ ୫ଜଣଙ୍କୁ ଗିରଫ କରିଛି ।ଅବକାରୀ ବିଭାଗ ପକ୍ଷରୁ ଆଜି ସକାଳୁ ଉକ୍ତ ସ୍ଥାନଗୁଡିକରେ ଚଢାଉ କରାଯାଇଥିଲା । ଏ ନେଇ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି ।ଦେଶୀ ମଦ କାରବାରରେ ଆହୁରି ଅନେକଙ୍କ ସମ୍ପୃକ୍ତି ଥିବା ବିଭାଗ ସନ୍ଦେହ କରୁଥିବାବେଳେ ଆଗମୀଦିନରେ ଏହି ଚଢ଼ାଉ ଜାରି ରହିବ । ରାଜ୍ୟରୁ ଚୋରା ମଦ କାରବାର ରୋକିବା ପାଇଁ ବିଭାଗ ଅଂଟା ଭିଡିଛି ।

## ପୁରୀ ମେଡିକାଲ ଶିଶୁ ବିଭାଗ ୱାର୍ଡରେ ବୁଲୁଛି କୁକୁର

ପୁରୀ,୧୭।୫(ପି.ଏନ): ପୁରୀ ମେଡିକାଲ ଶିଶୁ ବିଭାଗ ୱାର୍ଡରେ ରାତିରେ ବୁଲୁଛି କୁକୁର । କୁକୁର ବୁଲୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ସମ୍ବେଦନଶୀଳ ନବଜାତ ଶିଶୁ ବିଭାଗ ୱାର୍ଡରେ କୁକୁର ଚଳ ପ୍ରଚଳକୁ ନେଇ ଶିଶୁଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି । ତେବେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ଅବହେଳା ତଥା କାର୍ଯ୍ୟରେ ଥିବା ସୁରକ୍ଷା କର୍ମୀ ଓ ୱାର୍ଡ ଦାୟିତ୍ୱରେ ଥିବା କର୍ମକର୍ତ୍ତାମାନେ ଦାୟିତ୍ୱରେ ଥିଲେ ମଧ୍ୟ କୁକୁର ବୁଲିବାକୁ ନେଇ ସାଧାରଣରେ ସମାଲୋଚନା କରାଯାଇଛି ।କୁକୁରଟିକୁ ବାରମ୍ବାର ଘଉଡ଼ାଇବା ସତ୍ତ୍ୱେ ସେ ୱାର୍ଡ ଭିତରକୁ ପଳାଇଆସୁଥିବା ଦେଖିବାକୁ ମିଳିଛି । ପରେ ବାଧ ହୋଇ ଦ୍ୱାର ବନ୍ଦ କରାଯିବା ପରେ କୁକୁର ଆଉ ଆସି ନ ଥିଲା । ମାତ୍ର ସକାଳ ସମୟରେ କୁକୁରଟି ହସ୍ପିଟାଲର ତଳ ମହାଲରେ ବୁଲୁଥିବା ଦୃଶ୍ୟମାନ ହୋଇଥିବା ସତ୍ତ୍ୱେ କର୍ତ୍ତୃପକ୍ଷଙ୍କ ଏ ନେଇ ନିଘା ନ ଥିବା ଭଳି ମନେ ହୋଇଥିଲା ।

### ପୋଲାଭରମ ପ୍ରକଳ୍ପ ସମୀକ୍ଷା କରିବେ ପ୍ରଧାନମନ୍ତ୍ରୀ, ଓଡ଼ିଶା ସରକାର ରାଜ୍ୟ ସ୍ୱାର୍ଥ ଉଠାଇବାକୁ ଦାବି

ଭୁବନେଶ୍ୱର,୧୭।୫(ପି.ଏନ): ଓଡ଼ିଶାର ବ୍ୟାପକ କ୍ଷତି କରିବାକୁ ଯାଉଥିବା ଆନ୍ଧ୍ର ପୋଲାଭରମ ପ୍ରକଳ୍ପର ସମୀକ୍ଷା କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଆସନ୍ତା ୨୮ ତାରିଖରେ ପ୍ରଧାନମନ୍ତ୍ରୀ ପୋଲାଭରମ ପ୍ରକଳ୍ପର ହାଇଲେବଲ ବୈଠକ କରିବେ । ଏହାପୂର୍ବରୁ ଓଡିଶା ସରକାର ଆଉ ଚୁପ ନ ରହି ରାଜ୍ୟର ସ୍ୱାର୍ଥ କଥା ଉଠାଇବାକୁ ଜୋରଦାର ଦାବି ହୋଇଛି ।ପ୍ରକଳ୍ପ ଯୋଗୁଁ ଓଡିଶାର ବ୍ୟାପକ କ୍ଷତିଗ୍ରସ୍ତ ହେଉଥିଲେ ବି ରାଜ୍ୟ ବିଜେପି ସରକାର ମୁହଁ ଖୋଲୁ ନାହିଁ । ସେପଟେ ତେଲେଙ୍ଗାନା କିନ୍ତୁ ନିଜର କ୍ଷତି ବିରୋଧରେ ସ୍ୱର ଉଠାଇ ଚାଲିଛି । ତେଣୁ ଆସନ୍ତା ୨୮ ତାରିଖରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ଆଗରେ ମୁହଁ ଖୋଲନ୍ତୁ ବୋଲି ଦାବି କରିଛି ଓଡ଼ିଆ ଅସ୍ମିତା ପରିଷଦ । ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ ଶପଥ ଗ୍ରହଣ ବେଳେ

## ବିଜେଡି ପିଏସି ବୈଠକରେ ଅପରେସନ ସିନ୍ଦୂରକୁ ପ୍ରଶଂସା

ଭୁବନେଶ୍ୱର,୧୭।୫(ପି.ଏନ): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଦଳର ପ୍ରଥମ ରାଜନୈତିକ ବ୍ୟାପାର କମିଟି ବୈଠକ ହୋଇଯାଇଛି । ଯେଉଁଥିରେ ଜାତୀୟ ସୁରକ୍ଷା, ରାଜ୍ୟ ରାଜନୈତିକ ପରିସ୍ଥିତି, ଓଡିଶାର ଶିଳ୍ପ ବିକାଶ ଓ ବିଜେଡିର ସାଙ୍ଗଠନିକ ବ୍ୟାପାର ସମ୍ପର୍କରେ ପ୍ରସ୍ତାବ ଗୃହୀତ ହୋଇଛି । ଅପରେସନ ସିନ୍ଦୂରର ସଫଳତାକୁ ବୈଠକରେ ପ୍ରଶଂସା କରାଯାଇଛି । ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ପିଏସି ସଦସ୍ୟ ନିରଞ୍ଜନ ପୂଜାରୀ କହିଛନ୍ତି, ଦଳ ସବୁ ସମୟରେ ଭାରତୀୟ ସେନା ଓ ଅନ୍ୟ ଏଜେନ୍ସି ସହିତ ଅଛି । ଭାରତୀୟ ସେନା ପାଇଁ ବିଜେଡି ଗର୍ବିତ । ଏହି ଅବସରରେ ପହଲଗାଓଁରେ ଆତଙ୍କବାଦୀଙ୍କ ଗୁଳିରେ ନିହତ ବ୍ୟକ୍ତିମାନଙ୍କ ଅମରଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ବିଜୁ ଜନତା ଦଳ ଭାରତୀୟ ସେନା ପାଇଁ ଗର୍ବିତ ବୋଲି କହିଛନ୍ତି ନିରଞ୍ଜନ । ସେହିପରି ନବୀନ ପଟ୍ଟନାୟକଙ୍କୁ ଶିଳ୍ପ ବିପ୍ଳବ ପାଇଁ ଧନ୍ୟବାଦ ଜଣାଇଛି ପିଏସି । ନବୀନ ସରକାର ସମୟରେ ଶିଳ୍ପ ଓ ଅର୍ଥନୈତିକ ବିକାଶ ହୋଇଥିଲା । ଆଇସିଆରଏ ରିପୋର୍ଟ ଅନୁଯାୟୀ ୨୦୧୫ରୁ ୨୦୨୪ ଭିତରେ ଓଡିଶା ଜିଏସଡିଏରେ ୧୦ ପ୍ରତିଶତ ବୃଦ୍ଧି ପାଇଛି । ଏଥିପାଇଁ ନବୀନଙ୍କ ଦୂରଦୃଷ୍ଟିକୁ ପ୍ରଶଂସା କରାଯିବା ସହିତ ପିଏସି ଧନ୍ୟବାଦ ଦେଇଛି । ଏହାସହ ରାଜ୍ୟର ରାଜନୈତିକ ପରିସ୍ଥିତି ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏଥିରେ ଜନସାଧାରଣ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ନେଇ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା ।ବିକାଶ କ୍ଷେତ୍ରରେ ବର୍ତ୍ତମାନ ସୃଷ୍ଟି ହୋଇଥିବା ସ୍ଥାଣୁତା ଦୂର କରି ଜନସାଧାରଣଙ୍କ ଆଶା ଆକାଂକ୍ଷା ପୂରଣ ଦିଗରେ ରାଜ୍ୟ ସରକାର ଯତ୍ନବାନ ହେବେ ବୋଲି ବୈଠକରେ ଆଶା କରାଯାଇଛି । ବିଜୁ ଜନତା ଦଳର ସାଙ୍ଗଠନିକ ନିର୍ବାଚନ ପରିଚାଳନା ଓ ସାଙ୍ଗଠନିକ ପୁନର୍ବିନ୍ୟାସ ସୁରୁଖୁରୁରେ ସମ୍ପନ୍ନ ହୋଇଥିବାରୁ ବୈଠକରେ ସନ୍ତୋଷ ପ୍ରକାଶ ପାଇଥିଲା । ଆଗାମୀ ଦିନରେ ଦଳର ଅନ୍ୟ ପଦବୀ ପୂରଣ ଦିଗରେ ଦଳର ସଭାପତିଙ୍କୁ ପୂର୍ଣ୍ଣ ସମର୍ଥନ ଦେଇଛି ପିଏସି ।



## ପିଏସି ବୈଠକ ପୂର୍ବରୁ ପୁଣିଥରେ ବର୍ଷିଲେ ଭୂପିନ୍ଦର ଓ ଶଶୀ: ନିର୍ବାଚନରେ ହାରିବା ପାଇଁ 'ବ୍ୟବସ୍ଥା' କରିଥିଲା କି ବିଜେଡି ?

ଭୁବନେଶ୍ୱର,୧୭।୫(ପି.ଏନ):କିଛି ଦିନର ନିରବତା ପରେ ଶନିବାର ପୁଣିଥରେ ବିଜେଡିର ଆଭ୍ୟନ୍ତରୀଣ କନ୍ଦଳ ପଦାରେ ପଡିଛି । ଦୀର୍ଘ ଅ??ଇ ଦଶନ୍ଧି ପରେ ଗଠନ ହୋଇଥିବା ଦଳର ରାଜନୀତିକ ବ୍ୟାପାର କମିଟି(ପିଏସି)ର ପ୍ରଥମ ବୈଠକ ଆଜି ଅନୁଷ୍ଠିତ ହେବାକୁ ଥିବାବେଳେ ଏହାର ମାତ୍ର କିଛି ଘଣ୍ଟା ପୂର୍ବରୁ ଦଳର ଦୁଇଜଣ ବରିଷ୍ଠ ନେତା ଭୂପିନ୍ଦର ସିଂ ଓ ଶଶୀଭୂଷଣ ବେହେରା ଦଳୀୟ ପରିଚାଳନାକୁ ନେଇ ତୀବ୍ର ଅସନ୍ତୋଷ ବ୍ୟକ୍ତ କରି ନିର୍ବାଚନୀ ପରାଜୟର ସମୀକ୍ଷା କାହିଁକି କରାଯାଉନି ବୋଲି ପ୍ରଶ୍ନ କରିଛନ୍ତି । ଭୂପିନ୍ଦର ଆଉ ପାଦେ ଆଗେଇ ଯାଇ ସାଧାରଣ ନିର୍ବାଚନରେ ଜାଣିଶୁଣି ହାରିବା ନିମନ୍ତେ ବିଜେପି ସାଙ୍ଗରେ ବିଜେଡି 'ବ୍ୟବସ୍ଥା' କରିଥିଲା ବୋଲି ଲୋକେ ଚର୍ଚ୍ଚା କରୁଥିବା କହିଛନ୍ତି । ତେବେ ଏହି ବୈଠକରେ ନିର୍ବାଚନୀ ପରାଜୟର ସମୀକ୍ଷା ହେବା ଆଶା କ୍ଷୀଣ ।

### ନବୀନ ନିବାସରେ ବସିବ ପିଏସି ବୈଠକ

ଦୀର୍ଘ ଅ??ଇ ଦଶନ୍ଧି ପରେ ଗଠନ ହୋଇଥିବା ବିଜେଡିର 'ରାଜନୀତିକ ବ୍ୟାପାର କମିଟି'ର ପ୍ରଥମ ବୈଠକ ଶନିବାର ସନ୍ଧ୍ୟାରେ ନବୀନ ନିବାସରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଏହି ବୈଠକରେ ନିର୍ଦ୍ଦିଷ୍ଟ ଭାବେ କେଉଁ ପ୍ରସଙ୍ଗରେ ଆଲୋଚନା ହେବ ତାହା ଜଣାପଡିନି । ପିଏସି ଅଧ୍ୟକ୍ଷ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ହେବାକୁ ବୈଠକରେ ପିଏସି ସଦସ୍ୟ ନିରଞ୍ଜନ ପୂଜାରୀ, ବିକ୍ରମ କେଶରୀ ଆରୁଖ, ପ୍ରମିଳା ମଲ୍ଲିକ, ଟୁକୁନି ସାହୁ, ପ୍ରଣବପ୍ରକାଶ ଦାସ, ସସ୍ମିତ ପାତ୍ର, ସନ୍ତୃପ୍ତ ମିଶ୍ର ଓ ସଞ୍ଜୟ ଦାସବର୍ମା ସାମିଲ ହେବେ ବୋଲି ଜଣାପଡିଛି । ଯଦିଓ ଦଳର ପୁରୁଖା ଓ ଦକ୍ଷ ନେତାମାନଙ୍କୁ ଅଣଦେଖା କରି ପିଏସିରେ କେବଳ 'ପାଣ୍ଡିଆନଅନୁଗାମୀ'ଙ୍କୁ ସ୍ଥାନିତ କରାଯାଇଛି ବୋଲି ଦଳୀୟ ମହଲରେ ଅସନ୍ତୋଷ ଲାଗି ରହିଛି ।

### ଭୂପିନ୍ଦରଙ୍କ ବିସ୍ଫୋରକ ବୟାନ, କଂଗ୍ରେସରୁ ଅଫର

ବିଜେଡିର ବିଭିନ୍ନ କମିଟିରୁ ବାଦ୍ ପଡିବା ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ବିଜେଡିର ବରିଷ୍ଠ ନେତା ଭୂପିନ୍ଦର ସିଂ କହିଚ୍ଛନ୍ତି ଯେ, "କାହିଁକି ମୋତେ ବାଦ୍ ଦିଆଗଲା, ଏହା ଦାୟିତ୍ୱରେ ଥିବା ଲୋକେ ଜାଣିଥିବେ । ଲୋକମାନଙ୍କ ଆଶୀର୍ବାଦ ମୋ ସାଙ୍ଗରେ ଅଛି,ସେଥିପାଇଁ ମୁଁ ଖୁସି । ବିଧାୟକ ନଥାଇ ମଧ୍ୟ ଅଧିକ ସମ୍ମାନ ପାଉଛି । ବରିଷ୍ଠ ନେତାମାନେ କ'ଣ ମେଳି କରି ଦଳ ବିରୋଧୀ କାର୍ଯ୍ୟ କରିଥିଲେ କି ? ସେମାନଙ୍କ ଭିତରକୁ ତ କିଛିଜଣଙ୍କୁ କମିଟିରେ ସାମିଲ କରାଯାଇଛି । ସବୁ ନିଷ୍ପତ୍ତି ନବୀନବାବୁ ନିଅନ୍ତୁ ବୋଲି ବରିଷ୍ଠ ନେତାମାନେ ପରାମର୍ଶ ଦେଇଥିଲେ । ନବୀନ ପଟ୍ଟନାୟକ ଅତ୍ୟନ୍ତ ଲୋକପ୍ରିୟ ନେତା ଥାଇ ମଧ୍ୟ ଦଳ ନିର୍ବାଚନରେ ହାରିଛି । କର୍ମୀମାନେ ଦଳର କ୍ୟାପଟେନ(ନବୀନବାବୁ)ଙ୍କୁ ନିର୍ବାଚନ ମଇଦାନରେ ଦେଖିଲେ ନାହିଁ । ତାଙ୍କ ବଦଳରେ ଅନ୍ୟ କାହାକୁ ଦେଖିଲେ । ତେଣୁ ଫଳାଫଳ ଏଭଳି ହେଲା । ନିର୍ବାଚନରେ ଦଳ କାହିଁକି ହାରିଲା ତା'ର କାରଣ ଖୋଜାଯିବା ଦରକାର । ଦଳର ଗଠନମୂଳକ ପରିବର୍ତ୍ତନ ନହେଲେ ଆଗାମୀ ଦିନରେ ବିଜେଡି ପାଇଁ ଅସୁବିଧା ହୋଇପାରେ । ୱକଫ ବିଲ୍ ପ୍ରସଙ୍ଗରେ ଦଳର ଅସ୍ପଷ୍ଟ ନୀତିକୁ ନେଇ ବିବାଦ ହେଲା । ସମସ୍ତ ବରିଷ୍ଠ ନେତା ଚିନ୍ତିତ । ଏହା ଦଳର ଧର୍ମନିରପେକ୍ଷ ଛବିକୁ ପ୍ରଭାବିତ କରିଛି ବୋଲି ଆଶଙ୍କା ହେଲାଣି । ମୁନ୍ନା ଖାନ୍ ନିଜ ପଦକୁ ନେଇ ସନ୍ତୁଷ୍ଟ ନଥିବା ଗଣମାଧ୍ୟମରୁ ଜାଣିଲି । ଆହୁରି ଅନେକ ନେତା ଅଛନ୍ତି ଯେଉଁମାନେ ଏବେ ପଦବୀ ପାଇଲା ପରେ ବି ଅସନ୍ତୁଷ୍ଟ ଥିବାର ଖବର ମୋ' ପାଖରେ ଅଛି ବୋଲି ଭୂପିନ୍ଦର କହିଛନ୍ତି ।



### ଲୋକେ ଚର୍ଚ୍ଚା କରୁଛନ୍ତି କହି ବିଜେଡିକୁ ମୁଖା ଖୋଲିଲେ

ଲୋକେ ଚର୍ଚ୍ଚା କରୁଛନ୍ତି କହି ଭୂପିନ୍ଦର ଶନିବାର ବିଜେଡିର ଅସଲ ଚେହେରାକୁ ପଦାରେ ପକାଇଛନ୍ତି । ସେ କହିଛନ୍ତି ଯେ " ବିଜେଡି ଏକ ଆକ୍ରମଣାତ୍ମକ ବିରୋଧୀ ଦଳ ହୋଇପାରୁନାହିଁ ବୋଲି ଲୋକେ ଚର୍ଚ୍ଚା କରୁଛନ୍ତି । ବିଜେପି ସାଙ୍ଗରେ ବିଜେଡି ସବୁବେଳେ କୋହଳ ନୀତି ଅପଣାଇଛି । ପାର୍ଲାମେଂଟ ନିର୍ବାଚନରେ ହାରିବା ନିମନ୍ତେ ଜାଣିଶୁଣି ବିଜେପି ପାଇଁ ବିଜେଡି 'ବ୍ୟବସ୍ଥା କରିଥିଲା । ଯଦି ଏସବୁକୁ ଆମେ ମିଛ ଭାବିବା ତା'ହେଲେ ଫଳ କିଛି ମିଳିବନି । ଦଳର ସାଂଗଠନିକ ନିର୍ବାଚନ ପରେ ମଧ୍ୟ ବିଶେଷ କିଛି ଢାଂଚାଗତ ପରିବର୍ତ୍ତନ ହୋଇନାହିଁ ବୋଲି ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି । ଏହାଉପରେ ଦଳ ଯଦି ବିଚାରବିମର୍ଶ ନକରେ ତେବେ ଆସନ୍ତା ଦିନରେ ଦଳ ପାଇଁ ଠିକ୍ ହେବ ନାହିଁ ।"

### କଂଗ୍ରେସରୁ ଅଫର ଓ ରାଜନୀତିକ ଭବିଷ୍ୟତ

ଭୂପିନ୍ଦର ଏକ ବିସ୍ଫୋରକ ବୟାନ ଦେଇ କହିଛନ୍ତି ଯେ "ଏବେ ଆଇପିଏଲ ଚାଲିଛି । ଭଲ ଖେଳାଳୀଙ୍କୁ ସମସ୍ତେ ନେବାକୁ ଚାହିଁବେ । ମୁଁ ଗୋଟେ ଭଲ ଖେଳାଳୀ । ମୋ ପାଖରେ ଲୋକଙ୍କ ସମର୍ଥନ ରହିଛି ।

## ବଜ୍ରପାତ ପ୍ରତିହତ କରିବାକୁ ତାଳଗଛ ଲଗାଇବା ନେଇ ନବୀନଙ୍କ ନିଷ୍ପତ୍ତିକୁ ଆଗକୁ ନେଲେ ରାଜ୍ୟ ସରକାର

ଭୁବନେଶ୍ୱର,୧୭।୫(ପି.ଏନ): ଗୋଟିଏ ଦିନରେ ବଜ୍ରପାତରେ ଚାଲିଗଲା ୧୪ ଜଣଙ୍କ ଜୀବନ । ୬ ଜଣ ଗୁରୁତର ହୋଇଛନ୍ତି । କୋରାପୁଟ, ଗଞ୍ଜାମ, ଯାଜପୁର, କଟକ ଭଳି ଜିଲ୍ଲାରୁ ଏଭଳି ଖବର ଆସିଛି । ବଜ୍ରପାତକୁ ୨୦୧୫ରୁ ରାଜ୍ୟ ସରକାର ବିପର୍ଯ୍ୟୟ ଭାବେ ଘୋଷଣା କରିବା ସହ ୪ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ବ୍ୟବସ୍ଥା କରିଛନ୍ତି । ହେଲେ ଏହା ଯଥେଷ୍ଟ ନୁହେଁ, କ୍ଷତିପୂରଣ ଅଧିକ ମିଳିବା ଦରକାର ବୋଲି କଂଗ୍ରେସ କହିଛି । ଏପଟେ ବଜ୍ରପାତ ମୃତ୍ୟୁ ରୋକିବାକୁ ଅଧିକ ତାଳ ଗଛ ଲଗାଇବା ଉପରେ ଗୁରୁତ୍ୱ ଦେଇଛି ଜଙ୍ଗଲ ବିଭାଗ । ୨୦୨୩ରୁ ନବୀନ ସରକାର ତାଳଗଛ ଲଗାଇବା ପାଇଁ ନିଷ୍ପତ୍ତି ନେଇଥିଲେ । ଆଗକୁ କାଳବୈଶାଖୀର ସମ୍ଭାବନା ଥିବାରୁ ଏହା ଉପରେ ସମସ୍ତଙ୍କ ନଜର ରହିଛି । ଓଡିଶାରେ ୨୦୨୩ ସେପ୍ଟେମ୍ବର ୨ ତାରିଖରେ ଗୋଟିଏ ଦିନରେ ୩୯ ହଜାରରୁ ଅଧିକ ଥର ବିଜୁଳି ମାରିବା ପରେ ତତ୍କାଳୀନ ନବୀନ ସରକାର ୧୯ ଲକ୍ଷ ତାଳ ଗଛ ରୋପଣ ପାଇଁ ନିଷ୍ପତ୍ତି ନେଇଥିଲେ । ଓଡିଶା ବଜ୍ରପାତ ପ୍ରବଣ ରାଜ୍ୟ ହୋଇଥିବାରୁ ୨୦୧୫ରେ ରାଜ୍ୟ ସରକାର ଏହାକୁ ପ୍ରାକୃତିକ ବିପର୍ଯ୍ୟୟ ତାଲିକାରେ ସାମିଲ କରିବା ସହ ୪ ଲକ୍ଷ ଟଙ୍କାର ମୃତ୍ୟୁକାଳୀନ ଅନୁକମ୍ପା ରାଶିର ବ୍ୟବସ୍ଥା କରିଥିଲେ । ଏହାକୁ ୧୦ ଲକ୍ଷ କରିବାକୁ କଂଗ୍ରେସ ଦାବି କରିଛି । ୧୯ ଲକ୍ଷ ତାଳ ଗଛ ଲଗାଇବାକୁ ନବୀନ ସରକାରଙ୍କ ନିଷ୍ପତ୍ତି କାର୍ଯ୍ୟକାରୀ ହୋଇଥିବା ବେଳେ ଆହୁରି ତାଳଗଛ ଲଗାଇବାକୁ ସ୍ଥିର କରିଛି ଜଙ୍ଗଲ ବିଭାଗ । ଏବର୍ଷ ତାଳଗଛ ଲଗାଇବା ପାଇଁ ୫ରୁ ୬ କୋଟି ଖର୍ଚ୍ଚ ହେବ ବୋଲି ବିଭାଗୀୟ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ କହିଛନ୍ତି ।୨୦୧୯-୨୦ରେ ବଜ୍ରପାତରେ ୨୦୭ ଜଣଙ୍କ ଜୀବନ ଯାଇଥିବା ବେଳେ ୨୦-୨୧ରେ ୧୫୬ ଜଣ, ୨୨-୨୩ରେ ୩୦୬ ଜଣ, ୨୩-୨୪ରେ ୨୭୨ ଏବଂ ୨୦୨୪-୨୫ରେ ୨୦୧ ଜଣଙ୍କ ଜୀବନ ନେଇଛି ବଜ୍ରପାତ । ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ ବଜ୍ରପାତ ଜନିତ ମୃତ୍ୟୁ ଘଟିଛି । କୃଷକ, ଗାଈ ଚରାଳି, ମତ୍ସ୍ୟଜୀବୀ, ଶ୍ରମିକ ବଜ୍ରପାତର ଅଧିକ ଶିକାର ହେଉଛନ୍ତି । ନବୀନ ସରକାର ଅମଳରେ ରାଜ୍ୟରେ ଡପଲର ରାଡାର ସ୍ଥାପନ ହୋଇଥିବାରୁ ଆଗୁଆ ସତର୍କ ସୂଚନା ମିଳିପାରୁଛି । ବଜ୍ରପାତରୁ ମଣିଷ ଜୀବନ ବଞ୍ଚାଇବାକୁ ଅଧିକ ତାଳଗଛ ଲଗାଇବାକୁ ନବୀନ ସରକାର ଦୂରଦୃଷ୍ଟି ସମ୍ପନ୍ନ ନିଷ୍ପତ୍ତି ନେଇଥିଲେ । ବିଜେପି ସରକାର ଏହାକୁ କାର୍ଯ୍ୟକାରୀ କରିଛନ୍ତି । ଅଧିକ ତାଳଗଛ ଲଗାଇବା ଉପରେ ମଧ୍ୟ ଗୁରୁତ୍ୱ ଦେଇଛନ୍ତି । ସେପଟେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡଘଡି ହେବାର ଥିବାରୁ ୧୫ ଜିଲ୍ଲା ପାଇଁ ପାଣିପାଗ ବିଭାଗ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଓଡିଶାରେ କାଳବୈଶାଖୀର ପ୍ରଭାବ ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ଉପକୂଳ ଓଡିଶା ସହ ଦକ୍ଷିଣରେ ମଧ୍ୟ ଏହାର ପ୍ରଭାବ ରହିବ । ତେବେ ବଜ୍ରପାତ ଘାତକ ସାବ୍ୟସ୍ତ ହେଉଥିବାରୁ ଏଥିପ୍ରତି ସତର୍କ ରହିବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି ।








## ଓଜନ କିପରି କମାଇବେ...



**ଆ**ପଣ ଯଦି ନିଜ ବୃଦ୍ଧି ପାଉଥିବା ଓଜନ ପାଇଁ ଚିନ୍ତିତ, ତେବେ କିଛି ସରଳ ଉପାୟ ପ୍ରତି ଧ୍ୟାନ ଦେଲେ ଏହି ସମସ୍ୟା ଦୂର ହେବ। ଏହି ଉପାୟ ଆପଣାଇବା ଦ୍ୱାରା ଏକ ମାସରେ ପ୍ରାୟ ୧୦ କେଜି ଓଜନ ହ୍ରାସ ହେବ।

ଏକ ଗ୍ଲାସ ପାଣିରେ ଏକ ଚାମଚ ସେଓ ସିରକା ଓ ଏକ ଚାମଚ ଲେମ୍ବୁ ରସ ମିଶାନ୍ତୁ। ଏହାକୁ ଜଳଖିଆ ପୂର୍ବରୁ ପିଅନ୍ତୁ।

ସକାଳର ଆରମ୍ଭ ପୁଦିନାପତ୍ର ଓ ପାନମଧୁରୀ ପାଣି ପିଇ ଆରମ୍ଭ କରନ୍ତୁ।

ସକାଳେ ଉଠିବା ପରେ ୩୦ ମିନିଟ୍ ନିଶ୍ଚୟ ବ୍ୟାୟାମ କରନ୍ତୁ।

ଜଳଖିଆରେ ୧ ପାତ୍ରରେ କ୍ଷୀର ସହ କର୍ଣ୍ଣଫ୍ଲେକ୍ସ, ଓଟସ୍ କିମ୍ବା ଦଲିଆ ଖାଆନ୍ତୁ।

ଖରାବେଳର ଖାଦ୍ୟରେ ୨ଟି ରୁଟି, ଯେକୌଣସି ପନିପରିବାର ତରକାରୀ, ଅଳ୍ପ ଡାଲି ଓ ଦହି ଖାଆନ୍ତୁ।

ସନ୍ଧ୍ୟା ସମୟରେ କ୍ଷୀର ଚା’ ବଦଳରେ ଗ୍ରୀନ୍‌ଟି ପିଅନ୍ତୁ। ରାତି ଖାଦ୍ୟରେ ଅନ୍ୟ ଖାଦ୍ୟ ଅପେକ୍ଷା ସ୍ୱାସ୍ଥ୍ୟକର ସାଲାଡ୍ ଓ ଏକ ଗ୍ଲାସ କ୍ଷୀର ପିଅନ୍ତୁ। ସକାଳେ ଓ ରାତିରେ ଖାଇବା ପରେ ଅଳ୍ପ ସମୟ ଚାଲନ୍ତୁ। ପ୍ରତିଦିନ କ୍ୟାଲୋରୀ ପ୍ରତି ଧ୍ୟାନ ଦେବା ସହ ଏହାକୁ ୧୦୦୦-୧୫୦୦ କ୍ୟାଲୋରୀ ମଧ୍ୟରେ ରଖନ୍ତୁ।

## ଖରାରେ ପିଅନ୍ତୁ ବେଲ ସରବତ



**ଖ**ରାଦିନେ ଅଧିକାଂଶ ବେଲ ସରବତ କିମ୍ବା ଏହାର ଜୁସ୍ ପିଇବାକୁ ପସନ୍ଦ କରିଥାଆନ୍ତି। ଜାଣନ୍ତୁ ସ୍ୱାସ୍ଥ୍ୟ ପାଇଁ ଏହାର ଉପକାରୀ ଗୁଣ ବିଷୟରେ..

ବେଲ ସରବତ କେବଳ ଶରୀରକୁ ଥଣ୍ଡା ରଖେ ତାହା ନୁହେଁ ବରଂ ଏହା ତୁରନ୍ତ ଶକ୍ତି ପ୍ରଦାନ କରିଥାଏ।

ବେଲ ସରବତ ପିଇବା ଦ୍ୱାରା ଶରୀରରେ ଜଳୀୟଅଂଶର ଅଭାବ ଦୂର ହୋଇଥାଏ।

ଖରାଦିନେ କିଛି ଲୋକଙ୍କ ନାକରୁ ରକ୍ତ ବାହାରିବା ସମସ୍ୟା ଦେଖାଯାଏ। ସେମାନେ ନିୟମିତ ବେଲ ସରବତ ପିଅନ୍ତୁ।

ପେଟ ଖରାପ ଥିଲେ ବେଲ ସରବତ ପିଇବା ଖୁବ ଉପକାରୀ।

ବେଲ ସରବତ ପିଇବା ଦ୍ୱାରା ପାଚନ ଜନିତ ସମସ୍ୟାରୁ ମୁକ୍ତି ମିଳିଥାଏ।

ବେଲ ସରବତ ପିଇବା ଦ୍ୱାରା ଶରୀରରେ ହେଉଥିବା ବିଭିନ୍ନ ପ୍ରକାର ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ।

ବେଲ ସରବତ ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ମଧ୍ୟ ଲାଭଦାୟକ।

ବେଲ ସରବତ ପିଇବା ଦ୍ୱାରା କୋଲେଷ୍ଟେରୋଲ୍ ସ୍ତର ନିୟନ୍ତ୍ରଣ ହୋଇ ରହିଥାଏ। ବେଲ ସରବତ ପିଇବା ଦ୍ୱାରା ପେଟ ଥଣ୍ଡା ରହିଥାଏ।

ବେଲ ସରବତ ରକ୍ତ ପରିଷ୍କାର କରିବାରେ ସହାୟକ ହେବା ସହ ଏହା ହୃଦୟ ଜନିତ ରୋଗ ଓ କର୍କଟ ଭଳି ମାରାତ୍ମକ ରୋଗରୁ ମଧ୍ୟ ଶରୀରକୁ ରକ୍ଷା କରିଥାଏ।



## ଉଚ୍ଚତା ବୃଦ୍ଧି ପାଇଁ ପ୍ଲାଷ୍ଟିକ ସର୍ଜରି

**ଲୋ**କମାନେ ନିଜ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ପ୍ଲାଷ୍ଟିକ୍ ସର୍ଜରି କରିବା ଏବେ ଏକ ସାଧାରଣ କଥା ହୋଇଯାଇଛି। ବିଶେଷ କରି ନିଜ ରୂପକୁ ପୁଞ୍ଜି କରି ଜୀବିକା ଅର୍ଜନ କରୁଥିବା ମଡେଲ୍, ଅଭିନେତା ପ୍ରମୁଖ ଏଭଳି ଅସ୍ତ୍ରୋପଚାର କରୁଥିବା କାହାରିକୁ ଅଛପା ନାହିଁ। ତେବେ ସେମାନେ ଆଜିକାଲି ନିଜ ଉଚ୍ଚତା ବୃଦ୍ଧି ଲାଗି ଆଉ ଏକ ବ୍ୟୟବହୁଳ ତଥା ଭୀଷଣ କଷ୍ଟଦାୟକ ଅସ୍ତ୍ରୋପଚାର କରିବା ଆରମ୍ଭ କରିଛନ୍ତି। ୩୧ ବର୍ଷୀୟା ଜର୍ମାନ ମଡେଲ୍ ଥେରେସିଆ ଫିଚର୍ ସେମାନଙ୍କ ମଧ୍ୟରୁ ଜଣେ। ନିଜ ଉଚ୍ଚତାକୁ ନେଇ ସେ ଖୁବ୍ ଅସନ୍ତୁଷ୍ଟ ଥିଲେ। ସେଥିପାଇଁ ସେ ଅନେକ ଥଟ୍ଟାମଜାର ଶରବ୍ୟ ହେବା ପରେ ଉଚ୍ଚତା ବୃଦ୍ଧି ପାଇଁ ଅସ୍ତ୍ରୋପଚାର କରିବାକୁ ସ୍ଥିର କରିଥିଲେ। ଦୁଇଟି ଅସ୍ତ୍ରୋପଚାର ପରେ ତାଙ୍କ ଦୁଇ ଗୋଡ଼ରେ ଟେଲିସ୍କୋପିକ୍ ରଡ୍ ଖଞ୍ଜି ଦିଆଯାଇଥିଲା। ତିନି ମାସ ପରେ ତାଙ୍କ ଉଚ୍ଚତା ପୂର୍ବ ତୁଳନାରେ ୧୪ ସେସଟିମିଟର୍ ବୃଦ୍ଧି ପାଇ ଛଅ ଫୁଟ୍‌ରେ ପହଂଚିଛି। ଏଥିପାଇଁ ତାଙ୍କ ଆତ୍ମବିଶ୍ୱାସ ବଢ଼ିଛି ଏବଂ ତାଙ୍କୁ ଜଣେ ନୂଆ ବଏଫ୍ରେଣ୍ଡ୍ ମିଳିଛନ୍ତି। ଏହା ତାଙ୍କର ପ୍ରସିଦ୍ଧିକୁ ମଧ୍ୟ ବହୁଗୁଣିତ କରିଦେଇଛି। ଏବେ ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କର ପ୍ରାୟ ଦେଢ଼ ଲକ୍ଷ ଅନୁଗାମୀ ହେଲେଣି। ଏଥିପାଇଁ ତାଙ୍କୁ କମ୍ ମୂଲ୍ୟ ଦେବାକୁ ପଡ଼ି ନାହିଁ। ଉଚ୍ଚତା ବୃଦ୍ଧି ଅସ୍ତ୍ରୋପଚାର ଓ ଆନୁଷଙ୍ଗିକ ଖର୍ଚ୍ଚ ମିଶି ସେ ପ୍ରାୟ ୧ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିସାରିଛନ୍ତି। ଉଚ୍ଚତା ବୃଦ୍ଧି ତାଙ୍କୁ ଅନେକ ଖୁସି ଓ ସନ୍ତୁଷ୍ଟି ଦେଇଛି ସତ, ହେଲେ ତାଙ୍କୁ ଏବେ ଅନ୍‌ଲାଇନ୍‌ରେ ଅନେକ ଲୋକ ବ୍ୟଙ୍ଗବିଦ୍ରୁପ କରୁଛନ୍ତି। ଯାହାର ଉଚ୍ଚତା ପୂର୍ବରୁ ୫ ଫୁଟ୍ ୭ ଇଂଚ ଥିଲା ସେ ଅସୁରକ୍ଷାବୋଧ କରିବାର କୌଣସି କାରଣ ନାହିଁ, ଏହା କେବଳ ତାଙ୍କ ବିକୃତ ମାନସିକତାର ଫଳଶ୍ରୁତି ବୋଲି କିଛି ଲୋକ ମନ୍ତବ୍ୟ ଦେଉଛନ୍ତି।

## ଧୈର୍ଯ୍ୟ ହିଁ ସଫଳତାର ମୂଳମନ୍ତ୍ର

**ସ**ବୁବେଳେ ନିଜର ଫିଲ୍ମକୁ ନେଇ ଚର୍ଚ୍ଚାରେ ରହୁଥିବା ବଲିଉଡ ଅଭିନେତ୍ରୀ ଦୀପିକା ପାଦୁକୋନ ଏବେ ନିଜ ଉପଦେଶକୁ ନେଇ ଚର୍ଚ୍ଚାରେ ଅଛନ୍ତି। ବିବାହ ବନ୍ଧନ କିଭଳି ଅଧିକ ଦିନ ପର୍ଯ୍ୟନ୍ତ ମଜବୁତ ହୋଇ ରହିବ, ସେ ବିଷୟରେ ଜଣାଇଛନ୍ତି ଦୀପିକା। ଏକ ସାକ୍ଷାତକାରରେ ଦୀପିକା ସମସ୍ତଙ୍କ ଧୈର୍ଯ୍ୟ ରଖିବାକୁ କହିଥିବା ସାମ୍ନାକୁ ଆସିଛି। ଦୀପିକା ଓସ୍କାରରେ ନଜର ଆସି ଲୋକପ୍ରିୟତା ସାଉଁଟିଥିବା ବେଳେ ଏବେ ତାଙ୍କ ଫଟୋ ଟାଇମ୍ ପତ୍ରିକାର କଭରରେ ନଜର ଆସିଛି। ଏନେଇ ଟାଇମ୍ ପତ୍ରିକାକୁ ସାକ୍ଷାତକାର ଦେଇ ଦୀପିକା ନିଜ ବ୍ୟକ୍ତିଗତ ଓ ପେସାଦାର ଜୀବନ ବିଷୟରେ ଅନେକ କଥା ସେୟାର କରିଛନ୍ତି। ସଫଳ ବୈବାହିକ ଜୀବନ ବା ବିବାହକୁ ଦୀର୍ଘସ୍ଥାୟୀ କରିବାକୁ ଧୈର୍ଯ୍ୟ ଜରୁରୀ ବୋଲି କହିଛନ୍ତି ଦୀପିକା। ସେ କହିଛନ୍ତି, “ମୁଁ ଭାବୁଛି ଆମେ ସମସ୍ତେ ଫିଲ୍ମ ଦ୍ୱାରା ପ୍ରଭାବିତ ହୋଇ କିମ୍ବା ଆମ ସମ୍ପର୍କ ଓ ଆମ ଚାରିପାଖରେ ଥିବା ଦମ୍ପତିଙ୍କ ସମ୍ପର୍କ ଦ୍ୱାରା ପ୍ରଭାବିତ ହୋଇ ବଢ଼ିଛେ। ସେଥିପାଇଁ ଆମେ ନିଜ ସମ୍ପର୍କକୁ ଅନ୍ୟ ସହ ତୁଳନା କରିଥାଏ। ହେଲେ ଏହା ଭୁଲ। କେବେ ବି ନିଜର ବୈବାହିକ ସମ୍ପର୍କକୁ ଅନ୍ୟ କାହା ବେବାହିକ ସମ୍ପର୍କ ସହ ତୁଳନା କରିବେ ନାହିଁ। ସମସ୍ତଙ୍କ ଯାତ୍ରା ଭିନ୍ନ। ଯେତେ ଶୀଘ୍ର ଆମେ ଏହା ଗ୍ରହଣ କରିବା ସେତେ ଭଲ। ଆମେ ଆମ ମାତାପିତାଙ୍କ ସମ୍ପର୍କରୁ ଧୈର୍ଯ୍ୟ ଶିଖିବା ଜରୁରୀ। ଏବେକାର ଦମ୍ପତିଙ୍କ ମଧ୍ୟରେ ଧୈର୍ଯ୍ୟର ଅଭାବ ରହିଛି। ମୁଁ ଭାବୁଛି ଆମ ପରି ଦମ୍ପତି ବା ଆମ ପିଢ଼ିର ଦମ୍ପତି ଆମ ପୂର୍ବ ପିଢ଼ିରୁ ଧୈର୍ଯ୍ୟ ଶିଖିବା ଉଚିତ୍।”



## ଆଇଟମ୍ ଗୀତ ପାଇଁ ୫୦ ଲକ୍ଷ



**ବ**ଲିଉଡ ଏବଂ ସାଉଥ୍ ଅଭିନେତ୍ରୀ ତମନ୍ନା ଭାଟିଆ ପ୍ରାୟତଃ ଚର୍ଚ୍ଚାରେ ଥାଆନ୍ତି। ଅଭିନେତ୍ରୀଙ୍କ ସନ୍ଦୁରତା ପାଇଁ ସଭିଏଁ ଦିୱାନା। ତମନ୍ନା ବର୍ତମାନ ସ୍ୱିଜର ଲ୍ୟାଣ୍ଡରେ ତାଙ୍କର ଆଗାମୀ ଚଳଚ୍ଚିତ୍ର “ଭୋଲା ଶଙ୍କର” ର ସୁଟିଂରେ ବ୍ୟସ୍ତ ଅଛନ୍ତି। ତମନ୍ନା ଜଣେ ଅଭିନେତ୍ରୀ ହେବା ସହ ସୁନ୍ଦର ଡ୍ୟାନ୍ସର। କିନ୍ତୁ ଜାଣିଛନ୍ତି କି ସେ ଗୋଟିଏ ଆଇଟମ୍ ଗୀତ ପାଇଁ କେତେ ଚାର୍ଜ କରନ୍ତି। ରିପୋର୍ଟରେ ଦର୍ଶାଯାଇଛି ଯେ ଅନିଲ ରବିପୁଦିଙ୍କ ନିର୍ଦ୍ଦେଶିତ ତଥା ନନ୍ଦାମୁରୀ ବାଲକ୍ରିଷ୍ଣାଙ୍କ ଅଭିନୀତ ଫିଲ୍ମ ଏନ୍‌ବିକେ ୧୦୮ ରେ ତମନ୍ନା ଏକ ବିଶେଷ ଭୂମିକା ଗ୍ରହଣ କରିବାକୁ ଯାଉଛନ୍ତି। ତମନ୍ନା ଏକ ଆକର୍ଷଣୀୟ ଆଇଟମ୍ ଗୀତ କରିବାକୁ ରାଜି ହୋଇଛନ୍ତି, ଯେଉଁଥିପାଇଁ ସେ ୫୦,୦୦,୦୦୦ ଟଙ୍କା ମୂଲ୍ୟର ଫି ମାଗିଛନ୍ତି। ଏହା ବ୍ୟତୀତ ତମନ୍ନା ବର୍ତମାନ ନିର୍ଦ୍ଦେଶକ ନେସଲନ ଦିଲୀପ କୁମାରଙ୍କ ଅଭିନୀତ “ଜେଲର” ରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ପ୍ରଶଂସକଙ୍କ ସହ ନିଜର ଉତ୍ସାହ ବାଂଟି ସେ କିମ୍ବଦନ୍ତୀ ଅଭିନେତା ରଜନୀକାନ୍ତ ଏବଂ ମୋହନଲାଲଙ୍କ ସହ ଇନଷ୍ଟାଗ୍ରାମରେ ଫିଲ୍ମର ପ୍ରଥମ ଲୁକ୍ ସେୟାର କରିଥିଲେ।

## ‘ଶାହାରୁଖଙ୍କ ପାର୍ଟିକୁ ନା’



**ବ**ଲିଉଡ ଅଭିନେତା ତଥା ସିରିଏଲ କିସର ନାମରେ ଜଣାଶୁଣା। ବର୍ତମାନ ‘ଟାଇଗର-୩’ ‘ପାଇଁ ଇମ୍ରାନ ଚର୍ଚ୍ଚାରେ ଅଛନ୍ତି। ଏହି ଚଳଚ୍ଚିତ୍ରରେ ଭିଲେନ ଭୂମିକାରେ ଅଭିନୟ କରିଛନ୍ତି। ଯାହାର କାମ ଦର୍ଶକ ପ୍ରକୃତରେ ପସନ୍ଦ କରୁଛନ୍ତି। ଏହି ସମୟରେ ଅଭିନେତା ବଲିଉଡ କିଙ୍ଗ ଶାହରୁଖ ଖାନଙ୍କ ଜନ୍ମଦିନ ପାର୍ଟୀ ବିଷୟରେ ଏକ ବଡ଼ ଖୁଲାସା କରିଥିଲେ। ଏବଂ କହିଥିଲେ ଯେ ସେ ଏହି ପାର୍ଟିରେ ବିଲକୁଲ ମଜା ଆସିଲା ନାହିଁ। ଅଭିନେତାଙ୍କ ଠାରୁ ଏହା ଶୁଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଆନ୍ତି। ୨ ନଭେମ୍ବରରେ ଏକ ଗ୍ରାଣ୍ଡ ପାର୍ଟି ଆୟୋଜନ କରିଥିଲେ ଶାହାରୁଖ। ତାଙ୍କର ୫୬ ତମ ଜନ୍ମଦିନ ସେଲିବ୍ରେଟ୍ କରିଛନ୍ତି। ଅଭିନେତାଙ୍କ ପାର୍ଟିରେ ବହୁ ବଡ ସେଲିବ୍ରିଟ୍ ଯୋଗ ଦେଇଥିଲେ। ସେଥିମଧ୍ୟରୁ ସାମିଲ ଥିଲେ ଇମ୍ରାନ୍ ହାଶମୀ। ଏକ ସାକ୍ଷାତକାରରେ ଇମ୍ରାନ କହିଛନ୍ତି, “ମୁଁ ସେହି ପାର୍ଟିରେ କେବଳ ୧୨ଟା ପର୍ଯ୍ୟନ୍ତ ରହିଥିଲି। କାରଣ ମୁଁ ସକାଳ ୬:୩୦ ବା ୭ ସୁଦ୍ଧା ଉଠେ। ମୁଁ ପାର୍ଟି ଅନିମଲ ନୁହେଁ କିମ୍ବା ମୁଁ ମଦ୍ୟପାନ କରେ ନାହିଁ। ଏହା ହେଉଛି ସବୁଠାରୁ ବଡ ସମସ୍ୟା।” ଇମ୍ରାନ ଆହୁରି କହିଛନ୍ତି, “ମୁଁ ଫିଲ୍ମର ସ୍ୱତନ୍ତ୍ର ସ୍କ୍ରିନିଂକୁ ମଧ୍ୟ ଯାଏ ନାହିଁ। କାରଣ ଯଦି ତୁମେ ସେଠାକୁ ଯାଅ, ତେବେ ତୁମେ ବାହାରକୁ ଆସି ଫିଲ୍ମର ପ୍ରଶଂସା କରିବାକୁ ବାଧ୍ୟ ... ଏବଂ ଯଦି ମୋତେ ଫିଲ୍ମକୁ ପସନ୍ଦ ଆସି ନାହିଁ, ତେବେ ମୁଁ ଏହାକୁ ପ୍ରଶଂସା କରିପାରିବି ନୁହେଁ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ମଇ ୧୮

# ନିଜ ଦୋଷ ଖୋଜ



ଇଂ. ସଚ୍ଚିଦାନନ୍ଦ ନନ୍ଦ

''କେତେକ ଲୋକ ଅନ୍ୟମାନଙ୍କର ଛୋଟ ଛୋଟ ଭୁଲକୁ ଗର୍ହିତ ଦୋଷ ମନେକରନ୍ତି କିନ୍ତୁ ନିଜ ଠାରେ ଥିବା ଜଘନ୍ୟ ଭୁଲକୁ ଦେଖିପାରନ୍ତି ନାହିଁ। ଏହା ଏକ ଗୁରୁତର ତ୍ରୁଟି। ସଠିକ୍ ପଦ୍ଧତି ହେଉଛି ନିଜର ଛୋଟ ଛୋଟ ଦୋଷକୁ ବଡ଼ ଭୁଲଭାବେ ଦେଖ ଓ ଅନ୍ୟର ବଡ଼ ଭୁଲଗୁଡ଼ିକୁ ନଗଣ୍ୟ ମନେକର। ଏହାଦ୍ୱାରା ତୁମେ ନିଜ ଭୁଲଗୁଡ଼ିକୁ ସଜାଡ଼ି ପାରିବ'' ଭଗବାନ ଶ୍ରୀ ସତ୍ୟସାଇ ବାବା ତାଙ୍କ ଦିବ୍ୟସନ୍ଦେଶରେ ଆମ ସମସ୍ତଙ୍କୁ ଆଧ୍ୟାତ୍ମିକ ସୂଚନା ପ୍ରଦାନ କରିଛନ୍ତି ଯେ ଏହି ମନୋବୃତ୍ତି ସାହାଯ୍ୟରେ ତୁମେ ଈଶ୍ୱରୋପଲବ୍ଧି ହାସଲ କରିପାରିବ। ମାନବୀୟ ପ୍ରେମ ସ୍ୱାର୍ଥପୂର୍ଣ୍ଣ, ଦୈବୀପ୍ରେମ, ସ୍ୱାର୍ଥଶୂନ୍ୟ ଓ ଆଧ୍ୟାତ୍ମିକ। ତାଙ୍କ ପ୍ରେମ ନିର୍ମଳ ପ୍ରେମ। ଭଗବାନଙ୍କୁ ଚିରନ୍ତନ, ଅମୃତମୟ, ବିମଳ, ନିର୍ମଳ ବୋଲି ବର୍ଣ୍ଣନା କରାଯାଇଛି। ଭଗବତ ପ୍ରେମ ଆସ୍ୱାଦନ କରିବାକୁ ହେଲେ ତୁମକୁ ସ୍ୱାର୍ଥଭାବ ଭଳି ସଂକୀର୍ଣ୍ଣ ଭାବ ବର୍ଜନ କରି ପ୍ରେମଭାବ ସଂପ୍ରସାରଣ କରିବାକୁ ହେବ। ନବ ବିବାହିତ ଦମ୍ପତିଙ୍କ ମଧ୍ୟରେ ଥିବା ପ୍ରେମଭାବ ଦିନକୁ ଦିନ କିଭଳି ହ୍ରାସ ପାଉଥାଏ ତାହାର ଏକ ଉଦାହରଣ ଦେଖାଯାଉ। ସ୍ୱାମୀ ସ୍ତ୍ରୀ ରାସ୍ତାରେ ଯାଉଥିବା ବେଳେ ଆଗରେ ପଡ଼ିଥିବା କଣ୍ଟାଟିଏ ଆଖିରେ ପଡ଼ିଗଲେ, ସ୍ୱାମୀଙ୍କର କି ବ୍ୟସ୍ତତା ଦେଖାନଯାଏ ? ବିବ୍ରତ ହୋଇପଡ଼ି ସ୍ୱାମୀ ସ୍ତ୍ରୀକୁ ଗୋଟିଏ ପାଖକୁ ଟାଣିନିଏ, ଯେପରି ସ୍ତ୍ରୀ ପାଦ କଣ୍ଟା ମାଡ଼ି ନପକାଉ। କିଛିବର୍ଷ ଅନ୍ତରରେ ପୁନର୍ବାର ଅନୁରୂପ ପରିସ୍ଥିତିରେ ସ୍ୱାମୀ କହିବ, 'କଣ୍ଟା ପଡ଼ିଛି, କ'ଣ ଆଖିକୁ ଦିଶୁନି ?' ସାଂସାରିକ ପ୍ରେମ ଏହିଭଳି ଭାବେ ତା'ର ମାତ୍ରା ହରାଉଥିବା ବେଳେ ଦିବ୍ୟପ୍ରେମ ସବୁଦିନ ସ୍ଥିର ଓ ଗଭୀର ରହିଥାଏ। ଦିବ୍ୟପ୍ରେମର ମହତ୍ୱ ଲୋକେ ବୁଝିପାରନ୍ତି ନାହିଁ। ସେମାନେ ସେ ପ୍ରେମକୁ କଦର୍ଥ କରି ଭଗବାନଙ୍କୁ ନିନ୍ଦା କରିବା ପର୍ଯ୍ୟନ୍ତ ଯାଇପାରନ୍ତି, ଯେତେବେଳେ ତାଙ୍କ ନୀଚ କାମନା ଗୁଡ଼ିକ ପୂରଣ ନହୁଏ। କେତେକ ମୋକ୍ଷ ଚାହୁଁଥାନ୍ତି। ମୋକ୍ଷ କ'ଣ ? କାମନାରୁ ମୁକ୍ତି ପାଇବା ହିଁ ମୋକ୍ଷ। କେତେକ ଭଗବାନଙ୍କୁ ଦର୍ଶନ କରିବାକୁ ଚାହାନ୍ତି। ଏଥିପାଇଁ ଆବଶ୍ୟକୀୟ ବିଶ୍ୱାସ ଓ ଭାବ ତୁମେ ହୃଦୟରେ ପୋଷଣ କରିବା ଉଚିତ ନୁହେଁ କି ?

ଅନେକଙ୍କ ଭିତରେ ସ୍ୱାଭାବିକ ପ୍ରଶ୍ନ ଉଠେ ଯେ ଦିବ୍ୟପ୍ରେମ ଲାଭ କରିବା ପାଇଁ ଆମ ମାନଙ୍କର ଆବଶ୍ୟକତା କ'ଣ ଓ ତାତ୍ପର୍ଯ୍ୟ କ'ଣ ? ବଡ଼ ସୁନ୍ଦର ଭାବରେ ଭଗବାନ ବାବା କହିଛନ୍ତି ଯେ ଭକ୍ତି ଓ ବିଶ୍ୱାସ ନଥିଲେ ତୁମେ ତାଙ୍କ ସହିତ ବସବାସ କଲେ ମଧ୍ୟ ତାଙ୍କୁ ଦେଖିପାରିବ ନାହିଁ, ପଦ୍ମଫୁଲ ପାଖରେ ଥିବା ବେଙ୍ଗ ପଦ୍ମ ଭିତରେ ଥିବା ମଧୁ ବିଷୟରେ ଅବହିତ ନହେବା ସଦୃଶ। କିନ୍ତୁ କାହିଁ କେତେ ଦୂରରୁ ମଧୁମକ୍ଷିକା ମାନେ ପଦ୍ମଫୁଲ ପାଖକୁ ଆସି ମଧୁ ଆସ୍ୱାଦନ କଲାଭଳି ଦୂର ବିଦେଶରୁ ଲୋକମାନେ ଆସି ଭଗବାନଙ୍କ ସୁମିଷ୍ଟ ମଧୁରତା ପ୍ରାପ୍ତ ହୋଇପାରୁଛନ୍ତି, ଅଥଚ ପାଖରେଥିବା ଲୋକେ ସେଥିରୁ ବଞ୍ଚିତ। ଦିବ୍ୟ ସାନ୍ନିଧ୍ୟ ମଣିଷକୁ ମଧ୍ୟ ଦୈବୀସ୍ତରକୁ ଉତଥିତ କରିଦେଇପାରେ। ତାକୁ ଅତି ବେଶୀରେ ୧୯ହେବ। ପଚାରିବାରୁ ସେ କହିଲା, ତା'ର ଦ୍ୱିତୀୟ ସ୍ତ୍ରୀ ତାକୁ ଛାଡ଼ି ପଳାଇଛି ଏବଂ ତା'ଗର୍ଭର ସନ୍ତାନଟି ପାଇଁ ସେ ବ୍ୟସ୍ତ। ଏହି ବୟସରେ ସେ ଯଦି ଏତେ ବିବ୍ରତ, ବୟସ୍କ ହୋଇଗଲେ ତା'ଅବସ୍ଥା କ'ଣ ହେବ ଅନୁମାନ କର। କୋଡ଼ିଏ ବର୍ଷ ନ ହେଉଣୁ କେତେକ ଲୋକ ବିବାହ କରି ପକାଉଛନ୍ତି, ତା'ପରେ ଛାଡ଼ପତ୍ର, ପୁନର୍ବିବାହ, ପୁନର୍ବିଚ୍ଛେଦ, ସ୍ତ୍ରୀ ଓ ସନ୍ତାନଙ୍କ ପାଇଁ ବ୍ୟତିବ୍ୟସ୍ତ। ସେମାନେ ମାନବଜୀବନର ମୂଲ୍ୟ ବିଷୟରେ ଅଜ୍ଞ। ମାନବ ଜୀବନ କେତେ ଦୁର୍ଲଭ ଓ କେତେ ପବିତ୍ର ସେ ଧାରଣା ସେମାନଙ୍କର ନାହିଁ। ଉପନିଷଦ କହନ୍ତି ମାନବ ଜନ୍ମ ଅତି ଦୁର୍ଲଭ ଜନ୍ମ। ମାନବ ଜୀବନ ଅତି ମହାନ ଓ ଶକ୍ତିଶାଳୀ। ତାକୁ ମା+ନବ କୁହାଯାଏ କାରଣ ସେ ନୂଆ ନୁହେଁ ବରଂ ଶାଶ୍ୱତ। ଶରୀର ନୂତନ ରୂପ ଗ୍ରହଣ କରୁଥାଏ, ଆତ୍ମା ନୁହେଁ। ଭଗବାନ ହିଁ ଅପରିବର୍ତ୍ତନୀୟ ସତ୍ୟ। ବାବା ବିଶେଷକରି ଯୁବବର୍ଗଙ୍କ ପାଇଁ ତାଙ୍କ ବାର୍ତ୍ତା ରଖି କହିଛନ୍ତି ଯେ ଯୁବକ ଯୁବତୀଗଣ, ତୁମର ଆହାର ଓ ବିହାର ଅନୁଯାୟୀ ତୁମ ମନକୁ ଅନେକ ପ୍ରକାର ଚିନ୍ତା ଆସୁଥିବ। ସେଥି ମଧ୍ୟରୁ କେଉଁଗୁଡ଼ିକ ଭଲ ଓ କେଉଁ ଗୁଡ଼ିକ ମନ୍ଦ ତୁମକୁ ବାଛିବାକୁ ପଡ଼ିବ। ପୁସ୍ତକଗତ ଜ୍ଞାନ ଓ ଉପରଠାଉରିଆ ଜ୍ଞାନରେ ଭାସିଗଲେ ଚଳିହେବନାହିଁ। ବ୍ୟବହାରିକ ଜ୍ଞାନ ହାସଲ କରି ଜୀବନକୁ ସଫଳ କରିବାକୁ ହେବ। ତୁମ ଶିକ୍ଷା ଓ ଆଚରଣ ଭିତରେ ସାମଞ୍ଜସ୍ୟ ରହିବା ଦରକାର। ଭାବନା, ବଚନ ଓ କର୍ମ ମଧ୍ୟରେ ସଠିକ୍ ସମନ୍ୱୟ ରକ୍ଷା କରିବା ହିଁ ମଣିଷପଣିଆଁ। ଭଗବାନଙ୍କ ପାଖରେ ପୂର୍ଣ୍ଣ ବିଶ୍ୱାସ ରଖ, ସନ୍ଦେହକୁ ସ୍ଥାନ ଦିଅନାହିଁ। ତୁମର ଏହି ଭୌତିକ ଶରୀର ଦ୍ୱାରା ଭଗବାନଙ୍କ ପରିକଳ୍ପନା କରିବା ତୁମ ସାମର୍ଥ୍ୟ ବାହାରେ। ତୁମ ଭାବନାଗୁଡ଼ିକ ବାହ୍ୟ ଜଗତର ପ୍ରତିଫଳନ, ପ୍ରତିଧ୍ୱନୀ ଓ ପ୍ରତିକ୍ରିୟା। ଭଗବାନଙ୍କର କୌଣସି ପ୍ରତିକ୍ରିୟା ନଥାଏ। ତାଙ୍କ ପାଖରେ ଗୋଟିଏ କଥା ଅଛି, ତାହା ପରମ ସତ୍ୟ। ତୁମକୁ ସେହି ଆଦର୍ଶଦ୍ୱୟ ଗ୍ରହଣ କରିବାକୁ ହେବ। ସତ କଥା କହ, ଧର୍ମ ଆଚରଣ କର। ଭଗବାନ ଅପରିବର୍ତ୍ତନୀୟ ସତ୍ତା କିନ୍ତୁ ଏହାକୁ କେହି ବୁଝୁନାହାନ୍ତି। ଧର୍ମ ମାର୍ଗରେ ଚାଲି ନୈତିକତା ଓ ଏକତା ରକ୍ଷା କରିପାରିଲେ ତୁମେ ଏହା ବୁଝିପାରିବ। ମଣିଷ ଟଙ୍କା ପଇସାର କ୍ରୀତଦାସ ହୋଇପଡ଼ିଲାଣି। ସେ ଭଗବାନଙ୍କୁ ଭୁଲିଯାଇପାରେ କିନ୍ତୁ ଟଙ୍କା ପଇସାକୁ ଭୁଲି ପାରିବ ନାହିଁ। ସୁଖରେ ନିଦ୍ରାଯିବା ପାଇଁ ତୁମେ ନିଜ ପାଇଁ ବାତାନୁକୂଳ ଯନ୍ତ୍ର, କୋମଳ ଶଯ୍ୟା, ପଙ୍ଖା ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ବ୍ୟବସ୍ଥା କରିଥାଅ। ତଥାପି ସୁନିଦ୍ରା ହୁଏନାହିଁ, କାହିଁକି ? ସୁନିଦ୍ରା ପାଇଁ ମାନସିକ ଶାନ୍ତି ଆବଶ୍ୟକ। ତୁମ ଦେହ, ମନ, ଚିତ୍ତ ଓ ଅହଂକାର ଭଳି ଅନ୍ତରିନ୍ଦ୍ରିୟଗୁଡ଼ିକ ବାହ୍ୟ ଅଙ୍ଗପ୍ରତ୍ୟଙ୍ଗ ସହିତ ଶାନ୍ତି ଅଭିମୁଖୀ ହେବା ଦରକାର। ଯେଉଁ ଦିବ୍ୟପ୍ରେମ ନିଃସ୍ୱାର୍ଥ, ଯାହା କେବଳ ଦେଇ ଜାଣେ ଓ ପ୍ରତିଦାନରେ କିଛି ଆଶା କରେନାହିଁ, ସେହି ଭାବର ଅଭିବୃଦ୍ଧି କରାଇଲେ ଯାଇ ତୁମେ ଶାନ୍ତି ହାସଲ କରିପାରିବ। ଆଜିକାଲି ଲୋକେ ଅନେକ ତୁଚ୍ଛବସ୍ତୁ ଭଗବାନଙ୍କୁ ମାଗୁଛନ୍ତି। ତୁମପାଇଁ କ'ଣ ଶ୍ରେୟସ୍କର ତାହା ଭଗବାନ ଜାଣନ୍ତି ଏବଂ ଦେଇଥାନ୍ତି। ସେ ସମସ୍ତ ଭାବନା, ବଚନ ଓ କର୍ମର ସାକ୍ଷୀ ପୁରୁଷ, ତେଣୁ ଅକୁଣ୍ଠିତ ଚିତ୍ତରେ, ହୃଦୟର ସହିତ ତାଙ୍କ ପାଖରେ ସମର୍ପିତ ହୋଇ ଏକ ଆଦର୍ଶ ଜୀବନଯାପନ କର। ତୁମ୍ଭେମାନେ ମଧ୍ୟ ଦୈବତ୍ୱର ମୂର୍ତ୍ତିମନ୍ତ ରୂପ। ତେଣୁ ତୁମେ ସମସ୍ତଙ୍କୁ ଭଲପାଇବା ଦରକାର, କାହାରିକୁ ଆଘାତ କରିବା ଉଚିତ ନୁହେଁ। ଯଦି କାହାକୁ ବି ଆଘାତ କରୁଥାଅ ତାହା ଭଗବାନଙ୍କୁ ଆଘାତ କରିବା ସହ ସମାନ। ସନ୍ଥ ପୁରୁଷ ଜନ୍ ସମସ୍ତଙ୍କୁ ନିଜର ଭାଇଭଳି ଭାବୁଥିଲେ। କୌଣସି ଏକ ଘଟଣାରେ ସେ ଜଣକୁ ଦଣ୍ଡ ଦେଇଥିଲେ। ଯୀଶୁ ସ୍ୱପ୍ନରେ ଆବିର୍ଭାବ ହୋଇ ତାଙ୍କୁ ପଚାରିଲେ, 'ତୁ ଭାବୁଛୁ ତୁ ତାକୁ ଦଣ୍ଡ ଦେଇଛୁ ବୋଲି, ନା ତୁ ମୋତେ ଦଣ୍ଡ ଦେଇଛୁ।' ଏଇଥିରୁ ତୁମେ ବୁଝିବା ଦରକାର ଯେ ନିଜ ଲୋକଙ୍କ କ୍ଷତି କରିବା ଭଗବାନଙ୍କୁ କଷ୍ଟ ଦେବା ସଙ୍ଗେ ସମାନ। ତୁମ୍ଭେ ସମତା ଅଭ୍ୟାସ କରିବା ଦରକାର। ଭଜନ ଓ ଧ୍ୟାନ ପ୍ରଭୃତି ମନକୁ ପବିତ୍ର କରିବାର ଉପାୟ। 'ଚିତ୍ତସ୍ୟ ଶୁଦ୍ଧୟେ କର୍ମଣେ।' ଯେଉଁ ପ୍ରେମ ତୁମର ପ୍ରାଣବାୟୁ ତାହାକୁ କର୍ଷଣ କର। ବୃକ୍ଷଟି ସବୁଜ ପତ୍ର, ଡାଳ, ଫଳରେ ପରିପୂର୍ଣ୍ଣ ଥିଲାବେଳେ ତୁମେ ତାହା ପ୍ରତି ଆକର୍ଷିତ ହୋଇଥାଅ। ସେ ସବୁ ଯେତେବେଳେ ଶୁଖିଯାଏ ତୁମେ ତାକୁ କାଟି ପକାଅ କାରଣ ବର୍ତ୍ତମାନ ସେଥିରେ ଜୀବନ ନାହିଁ। ପ୍ରେମଶୂନ୍ୟ ବ୍ୟକ୍ତି ମୃତ ବୃକ୍ଷ ସହ ସମାନ। କୋଇଲାକୁ ଆଞ୍ଚ କରିବା ପାଇଁ ନିଆଁ ଯେପରି ଅତ୍ୟାବଶ୍ୟକ ସେହିପରି ମଣିଷ ପାଇଁ ପ୍ରେମ ନିତାନ୍ତ ପ୍ରୟୋଜନ। ଦିବ୍ୟପ୍ରେମ ଉପରେ ମନକୁ ପର୍ଯ୍ୟବସିତ କରି ନିଜକୁ ଦୁର୍ବଳତାରୁ ମୁକ୍ତ କର, କାରଣ ଦିବ୍ୟକୃପା ପ୍ରଚଣ୍ଡ ଶକ୍ତି ପ୍ରଦାନ କରିଥାଏ। ଅନ୍ୟ ସମସ୍ତ ବସ୍ତୁ ମିଳିପାରେ, ଚାଲିଯାଇପାରେ କିନ୍ତୁ ଦିବ୍ୟକୃପା ଚିରସ୍ରୋତା। ତୁମେ ଅନ୍ୟକିଛି କର ନକର ଦିବ୍ୟପ୍ରେମ ବିକାଶ କର। ଭଗବାନ ନିର୍ଦ୍ଦେଶକ, ମଣିଷ ଅଭିନେତା ମାତ୍ର। ଭଗବାନଙ୍କ ନାଟକରେ ସୁଦକ୍ଷ ଅଭିନୟ ପ୍ରଦର୍ଶନ କର। ଆତଙ୍କ, ଅନାସ୍ଥା ଓ ଅଭିଯୋଗ ପୂର୍ଣ୍ଣ ଏହି ସଂସାରରେ ତୁମ୍ଭମାନଙ୍କୁ ଭଗବାନଙ୍କ ଦେବଦୂତ ଭାବେ ଦଣ୍ଡାୟମାନ ହେବାକୁ ପଡ଼ିବ ଓ ସତ୍ୟ, ପ୍ରେମ ଓ ଶାନ୍ତିର ମୂର୍ତ୍ତିମନ୍ତ ରୂପ ଗ୍ରହଣ କରିବାକୁ ପଡ଼ିବ। ଦୈବତ୍ୱ ବାବଦରେ ଉପଲବ୍ଧି ଆଣିଦିଅ। ଭଗବାନ କ'ଣ, ସତ୍ୟ କ'ଣ, ପ୍ରେମ କ'ଣ ଏବଂ ମନ ଓ ସଂସାର ଭିତରେ ଥିବା ସମ୍ପର୍କ କ'ଣ ଜାଣିରଖ। ଧନ ଲାଳସାରେ ଆଜିର ଯୁବକଯୁବତୀମାନେ ବିଦେଶକୁ ଚାଲିଯାଉଛନ୍ତି। ଏଠାରେ ଯେତିକି ପାଉଛ ସେଥିରେ ତୁମେ ସନ୍ତୁଷ୍ଟ ନ ହୋଇ ଲୋଭର ବଶବର୍ତ୍ତୀ ହୋଇପଡୁଛ। ତୁମର ହସ୍ତ ଏଠାରେ କର୍ମକରୁ ମାତ୍ର ମନ ଅରଣ୍ୟେରେବାସ କରୁ। ଏହା ହିଁ ପ୍ରକୃତ ବିଶ୍ରାମ। ଲୋକମାନେ ଟଙ୍କାପଇସା ପ୍ରତି ଏତେ ମାତ୍ରାରେ ଆସକ୍ତ ଯେ ତାଙ୍କ ମୃତ୍ୟୁଶଯ୍ୟାରେ ସେମାନେ ଭଗବାନଙ୍କୁ ମନେପକାଇ ପାରୁନାହାନ୍ତି। ତୁମ୍ଭମାନଙ୍କୁ ପାପଭୀତି ଓ ସଂଘନୀତି ବିଷୟରେ କୁହାଯାଇଛି। ଏହି ଆଦର୍ଶକୁ ଅନ୍ତର ସହିତ ଗ୍ରହଣ କରି ଦୈନନ୍ଦିନ ଜୀବନରେ ଅଭ୍ୟାସ କର। ଭଗବାନ ଏକମାତ୍ର ହୀରୋ, ଅନ୍ୟ ସବୁକିଛି ଜୀରୋ : ମାନବୀୟ ମୂଲ୍ୟବୋଧ ବିକିରଣ କର ଏବଂ ତୁମ ଭାବନା, ବଚନ ଓ କର୍ମର ସମନ୍ୱୟ ରହିଛି ବୋଲି ନିଶ୍ଚିତ ହୁଅ। ବର୍ତ୍ତମାନ ସମୟରେ ଲୋକମାନଙ୍କ ଭିତରେ କେବଳ ଗଣ୍ଡଗୋଳ ଓ ବିଦ୍ୱେଷଭାବ ପରିଲକ୍ଷିତ ହେଉଛି। ତୁମକୁ ଏକତା, ପବିତ୍ରତା ଓ ଦୈବତ୍ୱର ବାର୍ତ୍ତା ପ୍ରସାର କରିବାକୁ ହେବ। ସ୍ୱାମୀ ବିବେକାନନ୍ଦ କହିଥିଲେ, 'ମୋତେ ଦଶଜଣ ପବିତ୍ର ପ୍ରାଣ ବ୍ୟକ୍ତି ଦିଅ, ମୁଁ ପୃଥିବୀକୁ ସଜାଡ଼ି ଦେବି।' ଭଗବାନ ବାବା କହନ୍ତି, ମାତ୍ର ଜଣେ ସଠିକ୍ ବ୍ୟକ୍ତିକୁ ନେଇ ରୂପାନ୍ତରଣ ଆଣି ଦେଇପାରିବି।' ଭଗବାନ ତୁମ ଜୀବନର ଏକମାତ୍ର ଭିତ୍ତି ହୁଅନ୍ତୁ। ତାହା ପାଖକୁ ଯେତେ ଗୁଡ଼ିଏ ଶୂନ୍ୟ ଲେଖିଲେ ତାହାର ମୂଲ୍ୟ ବଢ଼ି ବଢ଼ି ଯାଉଥିବ। କିନ୍ତୁ ସେ ଏକ ସଂଖ୍ୟାଟି ନଥିଲେ କେବଳ ଶୂନ୍ୟଗୁଡ଼ିକ କୌଣସି କାମରେ ଆସିବ ନାହିଁ। ଭଗବାନ ସେହି ସଂଖ୍ୟା, 'ଏକ'। ସୂର୍ଯ୍ୟ, ଚନ୍ଦ୍ର, ପୃଥିବୀ ପ୍ରଭୃତି ସାମାନ୍ୟ ଶୂନ। ଭଗବାନ ହିଁ ହୀରୋ ଓ ଅବଶିଷ୍ଟ ସବୁକିଛି ଜୀରୋ। ଭଗବାନଙ୍କ ଠାରେ ପୂର୍ଣ୍ଣ ବିଶ୍ୱାସ ରଖ ଓ ତାଙ୍କ ପାଖରେ ସମର୍ପିତ ହୁଅ। ନୈବେଦ୍ୟ ଅର୍ପଣର ଭାବ ନେଇ ସେବାକାମ କରିଚାଲ। ଭଗବାନଙ୍କ ନାମ କୀର୍ତ୍ତନ କରି ଭଗବାନଙ୍କ ମହିମାର ପ୍ରସାର କରିଚାଲ। ସମଗ୍ର ପୃଥିବୀର ବାତାବରଣ ପରିବର୍ତ୍ତନ ହୋଇଯିବ, ଉନ୍ନତ ହୋଇଯିବ, ପବିତ୍ର ହୋଇଯିବ।

*ଅଲିଶା ବଜାର, କଟକ,*
*ଦୂରଭାଷ : ୯୪୩୭୫୧୧୨୩୦*

# କ୍ଷମତାର ମହୁ.... ଯେତେବେଳେ ଥାଏ, ଆଉ ଗଲାପରେ



ଶ୍ୟାମ ସୁନ୍ଦର ସାମଲ

ସତରେ କ୍ଷମତା କିପରି ଜିନିଷଟା ନୁହେଁ ମ ! କଥାରେ ନାହିଁ ଦିଲ୍ଲୀକା ଲଡୁ ଯୋ ଖାଏ ଓ ପସ୍ତାଏ ଯୋ ନେହିଁ ଖାଏ ଓ ବି ପସ୍ତାୟା। ବାସ କଥା ରହିଲା ସେହିଟି। ସବୁରି ମୂଳରେ କ୍ଷମତା। ଆଉ କ୍ଷମତା ଏପରି ଏକ ଅଦୃଶ୍ୟ ଶକ୍ତିଶାଳୀ, ବାହୁବଳୀ ଓ ପରକ୍ରମୀ ତା ଆଗରେ ଭଗବାନ ବି ମୁଣ୍ଡ ନୁଆଁନ୍ତି। ଆପଣ ଦେଖୁନାହାଁନ୍ତି ଆପଣଙ୍କ ପାଖରେ କ୍ଷମତା ଅଛି ମାନେ ଘର ଆଗରେ ରାତି ପାହିଲା ପୂର୍ବରୁ ଗାଡ଼ି ଲାଗିବ, ବାବୁ ଭାୟାମାନେ ଆସିବେ, ସ୍ତାବକଙ୍କ ସଂଖ୍ୟା ଢ଼େର ବଢ଼ିଯିବ ଆଉ ସବୁକିଛି। କିନ୍ତୁ ଯଦି କ୍ଷମତା ନାହିଁ ବୁଲା କୁକୁର ବି ଆପଣଙ୍କ ଘର ଆଗରେ ଆସି ଭୋକିବାକୁ ରାଜି ହେବନାହିଁ। ସାଧାରଣ ଜୀବନ କଥା ବି ଦେଖନ୍ତୁ ଜଣେ ପଦସ୍ଥ ଅଧିକାରୀ ବା ଅଧଃସ୍ତନ ଅଧିକାରୀ ସେ ତୃତୀୟ ଶ୍ରେଣୀ ହୁଅନ୍ତୁ ବା ଚତୁର୍ଥ ଶ୍ରେଣୀ। ଯେତେବେଳେ ଯେଉଁ ବିଭାଗରେ ଚାକିରୀ ଖଣ୍ଡେ ପାଇଥାନ୍ତି ସେତେବେଳେ ନିଜକୁ ଇନ୍ଦ୍ରଚନ୍ଦ୍ରଙ୍କ ଉପରସ୍ତରର ଲୋକ ଭାବେ ନିଜକୁ ବିଚାର କରନ୍ତି। ଆଉ ଜନସାଧାରଣଙ୍କୁ ପୋକମାଛି ପରି ବ୍ୟବହାର ମଧ୍ୟ କରିବାକୁ ପଛାନ୍ତି ନାହିଁ। କିନ୍ତୁ କେତେକ କ୍ଷେତ୍ରରେ ଦେଖାଯାଏ ଗୋଟିଏ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ କିଛି ଅଧିକାରୀ ହୁଅନ୍ତୁ ବା ଯେକୌଣସି ଶ୍ରେଣୀର ଚାକିରିଆ ହୁଅନ୍ତୁ ସେମାନଙ୍କ ନିକଟରେ ମଣିଷ ପଣିଆ ଥାଏ ଓ ଜନସାଧାରଣଙ୍କୁ ଯଥୋଚିତ୍ତ ବ୍ୟବହାର କରିବା ସହିତ ନିଜର ମଣିଷ ପଣିଆ ଆଉ ବଂଶ ପରମ୍ପରାରୁ ଶିଖିଥିବା ସଂସ୍କାରକୁ ସେମାନଙ୍କର ଆଚରଣରେ ଦର୍ଶାଇଥାନ୍ତି। ତାଙ୍କ ଭିତରୁ ଆମେ କାହାକୁ ଭଲ କହିବା, କାହାକୁ ମନ୍ଦ କହିବା ତାହା ଏ ଛୋଟିଆ ଲେଖକଟି ନୁହେଁ ସୁଧୀ ପାଠକବୃନ୍ଦ ମନୋନୀତ କରନ୍ତୁ।

ବର୍ତ୍ତମାନ ଦେଖନ୍ତୁ ଆପଣ ପଦପଦବୀରେ ଅଛନ୍ତି। କିସା କୃଷିକା ନ୍ୟାୟରେ ଆପଣଙ୍କୁ ତେଲମରାଙ୍କ ସଂଖ୍ୟା, ଜମା ତ ଗଣିପାରିବେନି। କିନ୍ତୁ ସେହି ତେଲମରା ମାନଙ୍କୁ ଟିକେ ସତର୍କ ଥିବେ କାରଣ ତେଲଟା ବା ଚିକିଟିବା ପଡ଼ିଯିବାର ଭୟ ଥାଏ। ବର୍ତ୍ତମାନ ସମୟକୁ ଟିକେ ଦେଖନ୍ତୁ ଯେଉଁମାନେ ଯଥାର୍ଥରେ ଭଲ ସରକାରୀ ଚାକିରିଆ ସେମାନେ ତାଙ୍କ କର୍ତ୍ତବ୍ୟରତ ସମୟରେ ସରକାର ବାବୁଙ୍କ ସମସ୍ତ ନିୟମ କାନୁନ ମାନି ଲୋକମାନଙ୍କୁ ଉତ୍ତମ ସେବା ଦେଇଥାନ୍ତି କିନ୍ତୁ ଦୁର୍ଭାଗ୍ୟର ବିଷୟ ସେମାନେ ତାଙ୍କର ଅବସର ପରବର୍ତ୍ତୀ ସମସ୍ତ ସରକାରୀ ପାଉଣା ଠିକ ସମୟରେ ପାଇପାରୁନାହାଁନ୍ତି। ତାଙ୍କ ପେନସନ ପେପର, ଜିପିଏଫ ଓ ଅନ୍ୟାନ୍ୟ କାଗଜାତ ଉପର ଅଫିସରୁ ଏଜି ଅଫିସକୁ ପଠାଯାଉନାହିଁ। କିଛି ନାବାଳିକି ଫିଟି ନଥିବା କର୍ମଚାରୀ ଯାହାଙ୍କୁ କିଛି ଜଣାନାହିଁ କିନ୍ତୁ କଥା ତାଙ୍କର କରମଣ୍ଡଳ ସୁପରଫାଷ୍ଟ। ସେମାନେ ଗୁରୁତ୍ୱପୂର୍ଣ୍ଣ ସିଟରେ ରହି ସବୁ କାମକୁ ବେଙ୍ଗା କରନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ସିଟରେ ରହିଥିବା ବର୍ଷ ବର୍ଷର ବୁଢ଼ା ମୂଷାମାନେ କେତେ ଯେ ଦୁର୍ନୀତିର ଗଳାବାଟ ସୃଷ୍ଟି କରିଥାନ୍ତି ତାହା ସରକାର ବାହାଦୂର ଜାଣିକି ବି ତାଙ୍କର..... ଉପାଡ଼ି ପାରନ୍ତି ନାହିଁ। ଜଣେ ଅଧିକାରୀ ହୁଅନ୍ତୁ ବା ଅଧଃସ୍ତନ କର୍ମଚାରୀଟି । ନିଜ କର୍ମମୟ ଜୀବନରେ ନିଜ ଝାଳବୁହା ଧନରୁ କିଛି ସରକାରୀ ବ୍ୟବସ୍ଥାରେ ସଞ୍ଚିତ କରି ଆଶା ରଖିଥାଏ ଅବସର ପରେ ସେ ଅର୍ଥ ତା ଦୁଃଖ ଓ ଅଭାବୀ ସମୟରେ ଲାଗିବ। କିନ୍ତୁ ଅନେକ ଘଟଣା ଅତ୍ୟନ୍ତ ମର୍ମନ୍ତୁଦ ହୋଇଯାଏ। ନିଜର ପ୍ରାପ୍ୟ କାଗଜ ପତ୍ର ଡାହାଣ ପଟ ଟେବୁଲରୁ ବାମ ପଟ ଟେବୁଲକୁ ଘୁଞ୍ଚ ପାରୁନାହିଁ। ବିନା ନଗଦ ନାରାୟଣରେ ଚପଲ ଘୋରି ହେବ ସିନା, ଚଡ଼ିଗଞ୍ଜି ଓଦା ହେବ ସିନା ସେହିପରି ମୁଣ୍ଡ ଆଉଁଷି ଥିବେ। ଆମ ଓଡ଼ିଶାରେ ସରକାର ବାହାଦୂର ମଝିରେ ବାହାଦୂରି ନେବା ପାଇଁ ଘୋଷଣା କରିଦେଲେ ଅବସରର ଦିନ ହିଁ ତାଙ୍କର ସମସ୍ତ କାଗଜପତ୍ର ପ୍ରସ୍ତୁତ ହୋଇ ସମ୍ମାନର ସହ ପ୍ରାପ୍ୟ ଦିଆଯିବ ଏବଂ ମାତ୍ର ତିନିମାସ ଭିତରେ ସେ ନିୟମିତ ପେନସନ ପାଇଁ ହକଦାର ହେବେ। କିଛି କର୍ମଚାରୀଙ୍କୁ ଦିଆଯାଇ ସରକାର ନିଜ ଢ଼ୋଲ ପିଟା ଫଟୋ ଖବରକାଗଜରେ ମଧ୍ୟ ଛାପିଲେ। ଆମ ପରି ଅବସର ଗ୍ରହଣ କରିଥିବା ଛୋଟିଆ ମୋଟିଆ କର୍ମଚାରୀମାନେ ଭାରି ଖୁସି ହେଉଥିଲୁ କିନ୍ତୁ ସେ ଖୁସିଟା କେବଳ ଦେଖାଣିଆ ଥିଲା। ସରକାରଙ୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଭାଗ କୁହାଯାଉଥିବା ରାଜସ୍ୱ ବିଭାଗ। କଥାଟି ଟିକେ ଆଲୋଚନାରେ ରହୁ। ଏଠି ଏପରି ଭୟଙ୍କର ଜନ୍ତୁ ଆଉ ମୂଷାମାନେ ଅଛନ୍ତି ଯେ ଏମାନେ ଉତ୍ତରାଖଣ୍ଡ ଟନେଲ ପରି ଶହେଟା ଟନେଲର ଗାତକୁ ଖୋଳି କେଉଁଠି ପହଞ୍ଚିଯିବେ ଭଗବାନ ବି ତାଙ୍କୁ ଠାବ କରିପାରିବେନାହିଁ। ବର୍ଷ ବର୍ଷ ଧରି ଉପରିସ୍ଥ ବାବୁଙ୍କୁ ଖୁସ କରି ଏହି ଗାତୁଆ ମୂଷାମାନେ ନିଜର ତଳିଆ କର୍ମଚାରୀଙ୍କୁ ଯେଉଁପରି ମାନସିକ ଭାବେ କଷ୍ଟ ଦେଇଥାନ୍ତି ତାହା ନକହିବା ଭଲ। ସଞ୍ଚିତ ପ୍ରାପ୍ୟରୁ ଜଣେ ନିଜ ପରିଣତ ବୟସରେ ଚିକିତ୍ସା ହେବାପାଇଁ ଟଙ୍କାଟିଏ ପାଉନାହିଁ, ଝିଅ ବିବାହ ବୟସ ଗଡ଼ି ଯାଉଛି, ପୁଅଟି ଚାକିରି ପାଇଁ ସମ୍ବଳ ଝୁଲି ରହିଗଲା, ସ୍ତ୍ରୀର ଦେହପା କଥା ସେ ବି ପଛେଇ ଯାଏ ଆଉ ଅତ୍ୟନ୍ତ ବୃଦ୍ଧ ବାପ-ମାଆଙ୍କ ଚିକିତ୍ସା ପାଇଁ ବି ସମ୍ବଳ ମିଳିନଥାଏ। କଟକ ରାଜସ୍ୱ ପର୍ଷଦରେ ଏପରି ହାକିମ ମାନେ ଅଛନ୍ତି ଯାହାଙ୍କ ପିଲାମାନଙ୍କ ପାଠପଢ଼ା ନୋଟ ଷ୍ଟାପ ମାନେ ତିଆରି କରନ୍ତି, ନିଜ ଗାଡ଼ିରେ ପିଲାଙ୍କୁ ଟ୍ୟୁସନ ନେବେ, ପରିବା, ମାଂସ, ମଦ, ବଜାର କିଣା ଦାୟିତ୍ୱ ବି ତୁଲାଇବେ ଆଉ ତାହା ସହିତ ହାକିମାଣୀଙ୍କ ବୋଲ ସହ ହାକିମାଣୀ ଯଦି ମୁନୀବ ହୋଇଥିବେ ତାହାହେଲେ ଓଲଟା ଭାବେ ହାକିମଙ୍କ ବୋଲ ବି କରିବେ ଏବଂ ନକଲେ ନିଜ ରାସ୍ତା ଦେଖିବେ। ବିଭିନ୍ନ ବାବଦରେ ତଳିଆ କର୍ମଚାରୀଙ୍କ ଆକାଉଣ୍ଟ ଦ୍ୱାରା ପଇସା ସଂଗ୍ରହ ହୋଇ ସାରଙ୍କ ପାଖକୁ ଯିବ। ତାମାନେ ପ୍ରମାଣ ଶୂନ୍ୟ।

ଆମେ ପ୍ରଥମରୁ ଲେଖୁଥିଲୁ କ୍ଷମତାରେ ଥିବାବେଳେ ଆଉ କ୍ଷମତା ଯିବାପରେ। ହଁ, ସେହିକଥା ଆଉ ଟିକେ ଲେଖି ସାରୁଛି। ଆପଣ କ୍ଷମତାରେ ଥିବାର ଶେଷ ଦିନ ଆପଣଙ୍କ ଡ୍ରାଇଭର ଆପଣଙ୍କୁ ସାଲ୍ୟୁଟ ମାରିବ। ତଳିଆମାନେ ସେହିପରି ହାଁ ଜୀ ହାଁଜୀ। ଭଲ ବିଦାୟ ସମ୍ବର୍ଦ୍ଧନା ବି ଦିଆଯିବ। ଭୁରି ଭୋଜିଭାତ ପ୍ରକାଣ୍ଡ ଉପଢ଼ୌକନ ସହ। ଅବସର ପରଦିନ ସକାଳେ ଟିକିଏ ଆପଣଙ୍କର ହାକିମାତିର ଜାଗାକୁ ଟିକିଏ ଯାଆନ୍ତୁ ତ! ହେ ଭାଇ କାଶିଆ କିଏ ନା କପିଳା କିଏ ? ଜୁଳୁ ଜୁଳୁ କରି ସମସ୍ତେ ଅନେଇ ଓଲଟି ଆହୁରି ପଚାରିବେ ଡ୍ରରେ କ'ଣ ଜିନିଷ ଛାଡ଼ି ଦେଇଛନ୍ତି କି ? ତାଟବାଟ, ମୁଣ୍ଡିଆମାରା, ହାଁ ଜୀ ହାଁ ଜୀ ଆଉ ନାହିଁ। ମୋ ବ୍ୟକ୍ତିଗତ ଅନୁଭୂତିରେ ଅନେକ ଘଟଣା ଦେଖିଛି। କିନ୍ତୁ ଆପଣ ଜଣେ କର୍ତ୍ତବ୍ୟନିଷ୍ଠ ହୋଇ ସରକାରଙ୍କ ନିୟମର କାର୍ଯ୍ୟଧାରାରେ ଲୋକମାନଙ୍କ ସେବା କରନ୍ତୁ ଦେଖିବେ ସେହିମାନେ ଆପଣଙ୍କୁ ଖଇକଉଡି ପକାଇ ମଶାଣୀ ପର୍ଯ୍ୟନ୍ତ ବି ବିଦାୟ ଦେବାକୁ ଯିବେ। ଏ ଦୁନିଆରେ କେହି ମାଆ ପେଟରୁ କ୍ଷମତାକୁ ନେଇ ଆସିନଥାଏ। ଯଦିଓ କଥାରେ ଅଛି କେହି କେହି ଧର୍ଣ୍ଣାଢ଼୍ୟ ବ୍ୟକ୍ତିମାନଙ୍କୁ ଉପଲକ୍ଷ୍ୟ କରି କୁହନ୍ତି ସେମାନେ ସୁନା ଚାମଚରେ ତାଙ୍କ ଜୀବନ ଆରମ୍ଭ କରିଥାନ୍ତି। ଲୋକମାନଙ୍କ ହୃଦୟରେ ରୁହନ୍ତୁ କେବେ କାହା ମୁଣ୍ଡରେ ଚଢନ୍ତୁ ନାହିଁ କାରଣ ମୁଣ୍ଡରୁ ଖସିପଡ଼ିବାର ଭୟ ଅଛି କିନ୍ତୁ ହୃଦୟ ବା ଏକ ଶ୍ରେଷ୍ଠ ସ୍ଥାନ। ଯାହାପାଇଁ ପୁରାଣ ଶାସ୍ତ୍ର କହିଛି ଭଗବାନ ହେଉଛନ୍ତି ହୃଦୟ ନିବାସୀ। କ୍ଷମତା ନଥାଏ ଏହା କିଛି କ୍ଷଣର ବା କିଛି ସମୟର। ଆଜି ଆପଣ ଭାବୁଛନ୍ତି ରୁଷର ପୁଟିନ, ଆମେରିକାର ବାଇଡେନ ବା ଆମ ପ୍ରଧାନମନ୍ତ୍ରୀ ଶକ୍ତିଶାଳୀ କୁହାଯାଉଥିବା ନରେନ୍ଦ୍ର ମୋଦୀ ଏବେ ଆମ ମୁଖିଆ ନବୀନ ବାବୁ ବା ୫ଟିର ସର୍ବଶକ୍ତିମାନ ଭି.କେ. ପାଣ୍ଡିଆନ, କାହାର ବି ଦିନେ କ୍ଷମତା ଦୀର୍ଘସ୍ଥାୟୀ ହୋଇପାରିବା ନାହିଁ ଏହା ହେଉଛି କାଳର ଅଲିଖିତ ନିୟମ। କିନ୍ତୁ ହୃଦୟର କ୍ଷମତାରେ ରୁହନ୍ତୁ ନା ଦେଖିବେ ଆପଣଙ୍କୁ ଆପଣଙ୍କ ସ୍ଥାନ ସର୍ବଦା ମୃତ୍ୟୁ ପରେ ବି ଶାସ୍ୱତ ଅମର ହୋଇ ରହିବ। କାହିଁକି ଭାଇ ଏହି କ୍ଷମତାକୁ ଆମ ମଣିଷ ଭାଇ ମାନଙ୍କୁ ଆମେ ଚିହ୍ନି ପାରିବା ନାହିଁ। ଇଂରାଜୀ ନୂଆ ବର୍ଷଟି ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ ଏହି ଛୋଟିଆ ଲେଖାଟି ମାଧ୍ୟମରେ ସମସ୍ତଙ୍କୁ ସଂସ୍କାର ଯୁକ୍ତ ହୋଇ ଦୁର୍ନୀତିମୁକ୍ତ ହେବା ସହ କର୍ତ୍ତବ୍ୟନିଷ୍ଠ ହୁଅନ୍ତୁ ଏହାଦ୍ୱାରା ଏହି ଛୋଟିଆ ଲେଖକଟି ତା ଲେଖାର ଉଚିତ ବିଚାର ଗ୍ରହଣ କରିପାରିବ।

ବିଡ଼ାନାସୀ ବନ୍ଧଛକ, କଟକ,
ଦୂରଭାଷ : ୯୭୭୮୬୩୫୯୨୬

# ଦେଶର ପ୍ରତି ବ୍ୟକ୍ତିର ମୁଣ୍ଡ ଉପରେ ଋଣ ରହିଛି ୧.୪୦ ଲକ୍ଷ



ଗୋପାଳ ମହାପାତ୍ର

ଆମେ ୨୦୨୩କୁ ବିଦାୟ ଦେଇ ୨୦୨୪କୁ ସ୍ୱାଗତ କରୁଛେ । ୨୦୨୪କୁ ନେଇ ଆମେ ଆଶାବାନ ଥିବା ବେଳେ ଆମେ କେବେ ଚିନ୍ତା କରିନେ ଯେ ଦେଶର ଋଣଭାର ଯେଭଳି ଭାବରେ ବଢି ଚାଲିଛି ତାହା ଆଗାମୀ ଦିନରେ ଆମପାଇଁ ମୁଣ୍ଡ ବିନ୍ଧା ପାଲଟିବ । ଋଣ ଜାଲରେ ଛନ୍ଦି ହୋଇ ଶ୍ରୀଲଙ୍କା ଅବସ୍ଥା କ'ଣ ହେଲା ଆମେ ଜାଣିଛେ । ପଡୋଶୀ ଦେଶ ପାକିସ୍ଥାନ କଥା ଆମେ ମଧ୍ୟ ଜାଣୁଛେ। ଦେଶର ଋଣଯେଭଳି ଭାବେ ବଢିବାରେ ଲାଗିଛି ଆମକୁ ଶ୍ରୀଲଙ୍କା ଅବସ୍ଥା ଭୋଗିବାକୁ ପଡିବ ନାହିଁ ତ ବୋଲି ମଧ୍ୟ ଆଶଙ୍କା ସୃଷ୍ଟି ହେଲାଣି । ଆଶଙ୍କା ମଧ୍ୟ ଅମୂଳକ ନୁହେଁ କାରଣ ଭାରତ ସରକାରଙ୍କ ଉପରେ କ୍ରମାଗତ ଭାବେ ବିଦେଶୀ ଋଣ ବଢିବା ପ୍ରସଙ୍ଗକୁ ନେଇ ଏବେ ଆନ୍ତର୍ଜାତୀୟ ମୁଦ୍ରାକୋଷ ଚିନ୍ତା ବ୍ୟକ୍ତ କରିଛି । ଯଦି ଋଣ ଏଭଳି ଭାବେ ବଢିଚାଲିବ ତେବେ ଖୁବ୍ କମ୍ ଦିନ ମଧ୍ୟରେ ସମସ୍ତ ଘରୋଇ ଉତ୍ପାଦ(ଜିଡିପି)ର ୧୦୦ ପ୍ରତିଶତ ପାଖାପାଖି ହୋଇଯିବ । ଆନ୍ତର୍ଜାତୀୟ ମୁଦ୍ରାକୋଷ ଭାରତର ବଢୁଥିବା ଋଣକୁ ନେଇ ଏଭଳି ମନ୍ତବ୍ୟ ଦେଇଛି ଓ ଭାରତ ସରକାରଙ୍କୁ ଏ ନେଇ ଚେତାବନୀ ମଧ୍ୟ ଦେଇଛି । ଅନ୍ୟ ପକ୍ଷରେ ଭାରତ ସରକାରଙ୍କ ପକ୍ଷରୁ କୁହାଯାଇଛି ବଢୁଥିବା ଋଣକୁ ନେଇ ଚିନ୍ତିତ ହେବାର କୌଣସି କାରଣ ନାହିଁ। ଭାରତ ସରକାରଙ୍କ ଯୁକ୍ତି ହେଉଛି ଏ ନେଇ କିଛି ଅସୁବିଧା ହେବ ନାହିଁ। ବିମୁଦ୍ରୀକରଣ ପାଇଁ କିଛି ଅସୁବିଧା ହୋଇଥିଲା କିନ୍ତୁ ଏବେ ଆଉ ସେଭଳି ଅସୁବିଧା ନାହିଁ। ଦେଶର ଜିଡିପି ୨୦୨୦ରେ କରୋନା କାରଣରୁ ୮୯ ପ୍ରତିଶତ ଥିଲା । ୨୦୨୨-୨୩ ବର୍ଷରେ ଏହା ହ୍ରାସପାଇ ୮୧ ପ୍ରତିଶତରେ ପହଞ୍ଚିଥିଲା । କିନ୍ତୁ ଆନ୍ତର୍ଜାତୀୟ ମୁଦ୍ରାକୋଷ ପକ୍ଷରୁ କୁହାଯାଇଛି ଯେ ଦୀର୍ଘ ଅବଧି ପାଇଁ ଅଣାଯାଇଥିବା ଋଣ ଅନେକ ଅବ୍ୟବସ୍ଥା ସୃଷ୍ଟି କରିବ । ଭାରତରେ ପ୍ରାକୃତିକ ଆପଦ-ବିପଦ ଏବଂ କ୍ଲାଇମେଟଚେଞ୍ଜ ଭଳି ଆପଦର ମୁକାବିଲା ପାଇଁ ଅଧିକ ନିବେଶର ଆବଶ୍ୟକତା ରହିଛି । ଆନ୍ତର୍ଜାତୀୟ ମୁଦ୍ରାକୋଷ ଭାରତକୁ ପରାମର୍ଶ ଦେଇଛି ଯେ ଭାରତ ସରକାର କମ୍ ସୁଧ ହାରରେ କମ ଅବଧି ପାଇଁ ଋଣ ଆଣିବାର ବାଟ ଖୋଜନ୍ତୁ ଏବଂ ଘରୋଇ କ୍ଷେତ୍ରରେ ପୁଞ୍ଜିନିବେଶ ବୃଦ୍ଧି କରିବା ଦିଗରେ ପଦକ୍ଷେପ ନିଅନ୍ତୁ ।

ବଢୁଥିବା ଋଣ ପ୍ରସଙ୍ଗରେ ଭାରତ ସରକାରଙ୍କର ତର୍କ ହେଉଛି ଜିଡିପି ତୁଳନାରେ ଜାପାନ ଉପରେ ୨୧୪ ପ୍ରତିଶତ, ଇଟାଲୀ ଉପରେ ୧୪୧ ପ୍ରତିଶତ ଏବଂ ଆମେରିକା ଉପରେ ୧୧୦ ପ୍ରତିଶତ ଋଣ ରହିଛି । ଭାରତର ଋଣ ଜିଡିପି ତୁଳନାରେ ଏବେ ବି ୧୦୦ ପ୍ରତିଶତ ପାଖାପାଖି ରହିଥିବାରୁ ଚିନ୍ତାକରିବାର କୌଣସି କାରଣ ନାହିଁ। ଆନ୍ତର୍ଜାତୀୟ ମୁଦ୍ରାକୋଷ କହିଛି ଯେ ଯେଉଁ କେତେକ ଦେଶର ଋଣ ସେ ଦେଶର ଜିଡିପି ତୁଳନାରେ ୧୦୦ ପ୍ରତିଶତରୁ ଅଧିକ ସେଠାକାର ପ୍ରତି ବ୍ୟକ୍ତିର ଆୟ ଭାରତ ତୁଳନାରେ ବେସ୍ ଅଧିକ । ପ୍ରତିବ୍ୟକ୍ତିର ଆୟ ପ୍ରସଙ୍ଗରେ ବିଶ୍ୱର ଦେଶମାନଙ୍କ ତାଲିକାରେ ୧୨୭ତମ ସ୍ଥାନରେ ଭାରତ ରହିଛି । ଆମେରିକାର ସ୍ଥାନ ୮ମ ସ୍ଥାନରେ ଥିବାବେଳେ ଇଂଲଣ୍ଡର ସ୍ଥାନ ୨୭ତମ ସ୍ଥାନରେ ରହିଛି । ସେହିପରି ଇଟାଲୀ ୨୯ତମ ସ୍ଥାନରେ ରହିଥିବାବେଳେ ଜାପାନ ୩୮ତମ ସ୍ଥାନରେ ରହିଛି। ବିଶ୍ୱର ୩୮ଟି ଦେଶ ଅତି ବିକଶିତ ଦେଶ କିନ୍ତୁ ଭାରତ ଏବେ ବି ବିକାଶଶୀଳ ଦେଶମାନଙ୍କ ତାଲିକାରେ ପଛରେ ରହିଛି । ଏହାର କାରଣ ହେଉଛି ଭାରତର ବିଦେଶୀ ଋଣ ବୃଦ୍ଧି । ଋଣର ଅନୁପାତ ବଢିବା କାରଣରୁ ଭାରତର ଅର୍ଥ ବ୍ୟବସ୍ଥା ଉପରେ ଏହାର ପ୍ରଭାବ ପଡିବ ନିଶ୍ଚୟ । ଦେଶର ସବୁ ରାଜ୍ୟମାନେ ୨୦୨୩ ଅକ୍ଟୋବର ମାସ ଶେଷ ସୁଦ୍ଧା ସମୁଦାୟ ୨ ଲକ୍ଷ ୭୫ ହଜାର କୋଟି ଟଙ୍କା ବଜାରରୁ ଋଣ ଆଣିଛନ୍ତି । ରାଜ୍ୟ ସରକାରମାନଙ୍କ ଉପରେ ମଧ୍ୟ ଋଣଭାର ବଢିବାରେ ଲାଗିଛି । ପଞ୍ଜାବ, ବିହାର, ରାଜସ୍ଥାନ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ,ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶ ଭଳି ରାଜ୍ୟର ଋଣ ସେ ସବୁ ରାଜ୍ୟର ଜିଡିପି ତୁଳନାରେ ୩୦ ପ୍ରତିଶତରୁ ୪୬ ପ୍ରତିଶତ ପର୍ଯ୍ୟନ୍ତ ହୋଇଗଲାଣି । ଏହି ଋଣ ଆଗାମୀ ବର୍ଷରେ ଆହୁରି ବଢିବ ।

ଆନ୍ତର୍ଜାତୀୟ ମୁଦ୍ରାକୋଷ ପକ୍ଷରୁ କୁହାଯାଇଛି ଭାରତୀୟ ଅର୍ଥବ୍ୟବସ୍ଥାରେ ପ୍ରତିବ୍ୟକ୍ତିର ଆୟ କମ୍ ରହିଛି ଯାହାର ପ୍ରଭାବ ଦେଶର ଅର୍ଥବ୍ୟବସ୍ଥା ଉପରେ ପଡିବ । ଏ ପ୍ରସଙ୍ଗରେ କିନ୍ତୁ ଭାରତ ସରକାରଙ୍କ ମତ ହେଉଛି ବିଦେଶୀ ଋଣର କୌଣସି ପ୍ରଭାବ ଦେଶର ଅର୍ଥବ୍ୟବସ୍ଥା ଉପରେ ପଡିବ ନାହିଁ। ଦେଶର ପ୍ରତି ବ୍ୟକ୍ତିର ଆୟକୁ ଦେଖିଲେ ଋଣ ବଢିଯାଇଛି ବୋଲି ଦେଖାଯାଏ କାରଣ ଦେଶରେ ଆୟ ସୀମିତ । କିନ୍ତୁ ବିଦେଶୀ ଋଣକୁ ନିୟନ୍ତ୍ରିତ କରାନଗଲେ ଦେଶପାଇଁ ଅବ୍ୟବସ୍ଥିତ ପରିସ୍ଥିତି ସୃଷ୍ଟି ହେବ ବୋଲି ଅର୍ଥଶାସ୍ତ୍ରୀମାନେ ମତ ଦେଉଛନ୍ତି । ଦେଶର ସମୁଦାୟ ଋଣ ୨୦୫ଲକ୍ଷ କୋଟିରେ ପହଞ୍ଚିଛି । ୨୦୨୩ ମାର୍ଚ୍ଚରେ ଦେଶର ଋଣ ୨୦୦ ଲକ୍ଷ କୋଟି ଟଙ୍କା ଥିଲା । ଅର୍ଥାତ ୬ ମାସ ମଧ୍ୟରେ ଦେଶର ଋଣ ୫ ଲକ୍ଷ କୋଟି ଟଙ୍କା ବଢିଯାଇଛି । ଏ କଥା ସତ୍ୟ ଯେ ଭାରତର ଅର୍ଥବ୍ୟବସ୍ଥା ବିଶ୍ୱର ୫ମ ବୃହତ୍ ଅର୍ଥବ୍ୟବସ୍ଥାରେ ପରିଣତ ହୋଇଛି କିନ୍ତୁ ଋଣଭାର ବୃଦ୍ଧି ସରକାରଙ୍କ ପାଇଁ ଚିନ୍ତା ବଢାଇବ ନିଶ୍ଚୟ । ଦେଶର ପ୍ରତିବ୍ୟକ୍ତି ଉପରେ ୧ ଲକ୍ଷ ୪୦ ହଜାର ଟଙ୍କାର ଋଣ ବୋଝ ରହିଛି । ଏ ପ୍ରସଙ୍ଗରେ ସରକାର ଗୁରୁତ୍ୱର ସହ ଚିନ୍ତା କରିବା ଉଚିତ୍। ଦେଶର ଋଣ ବୃଦ୍ଧିକୁ ନେଇ ସରକାର ଚିନ୍ତିତ ନହୋଇପାରନ୍ତି କିନ୍ତୁ ଦେଶରେ ପ୍ରତି ବ୍ୟକ୍ତିର ଆୟ କିପରି ବଢିବ ଏବଂ ମୁଣ୍ଡପିଛା ଋଣର ବୋଝ କେମିତି କମିବ ସେ ନେଇ ବିଚାର କରିବା ସହ କେନ୍ଦ୍ର ସରକାର ଉଚିତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ।

*ରାମଚନ୍ଦ୍ରପୁର*
*ରଣପୁର*
*ମୋ-୯୪୩୮୪୮୫୦୯୪*

# ଗଣ ଆନ୍ଦୋଳନ -୩



ପଙ୍କଜ କୁମାର ପାଣିଗ୍ରାହୀ

କୌଣସି ଗଣ ଆନ୍ଦୋଳନ କରିବା ପୂର୍ବରୁ ପ୍ରଥମେ ଆମକୁ ବୁଝିବାକୁ ହେବ ଯେ ଆମ ସାମାଜିକ ଶାସନ ବ୍ୟବସ୍ଥାର ରୂପ ରେଖ କ'ଣ ? ତାପରେ ଗଣ ଆନ୍ଦୋଳନକୁ କିଭଳି ଢଙ୍ଗରେ କଲେ ତା'ର ନିଷ୍କର୍ଷ ବାହାରିବ ସେ'କଥାକୁ ବିଚାରକୁ ନେଇ ଆନ୍ଦୋଳନ କରାଗଲେ ଯେ କିଛି ସୁଫଳ ମିଳିବ ସେଇଥିରେ କୌଣସି ଦ୍ୱିମତ ନାହିଁ। କହିବାକୁ ଗଲେ ଅଧୁନା ଆମ ଦେଶ ଭାରତରେ ଗଣତନ୍ତ୍ରର କୌଣସି ପରିଭାଷା ସେମିତି କିଛି ଆଖିଦୃଷ୍ଟିଆ ଭାବେ କାର୍ଯ୍ୟକ୍ଷମ ନାହିଁ । ଏକ ନିର୍ବାଚନ ମାଧ୍ୟମରେ ଜଣେ ନେତା ଚୟନ କରି ଉପସ୍ଥିତ ସାମ୍ବିଧାନିକ ଆଇନ ପରିସର ମଧ୍ୟରେ ପରିଚାଳିତ ବ୍ୟବସ୍ଥା କେବଳ, ଏକ ଗଣତନ୍ତ୍ରର ପରିଭାଷା ନୁହେଁ। ତେଣୁ ଆମେ ଯେଉଁ ଶାସନ ବ୍ୟବସ୍ଥା ମଧ୍ୟରେ ବଂଚୁଛେ ତାକୁ ଭଲଭାବେ ପରଖି ନେବା ନିତା' ଆବଶ୍ୟକ । ଏଠାରେ ଯେଉଁ ଜନ ପ୍ରତିନିଧି ମାନେ ନିର୍ବାଚିତ ହୋଇ ବିଭିନ୍ନ ପଦ ପଦବୀରେ ନିୟୋଜିତ ହୋଇଥା' ସେମାନେ ଅଖଣ୍ଡ କ୍ଷମତାର ଅଧିକାରୀ ଭାବେ ପରିଗଣିତ ଏକ ଗଣତନ୍ତ୍ରର ପରିଭାଷା ନୁହେଁ। ଏଠାରେ ନିୟୋଜିତ ସେମାନଙ୍କ ତଳେ ରହିଥିବା ଗଣତାନ୍ତ୍ରିକ କର୍ମଚାରୀ ସମୂହଙ୍କୁ ଅଧିକାରୀ ବୋଲି କୁହାଯିବା ଗଣତନ୍ତ୍ର ପରିସରଭୁକ୍ତ ନୁହେଁ । କାରଣ ଗଣତନ୍ତ୍ରରେ କେହି ଅଖଣ୍ଡ କ୍ଷମତାଧାରୀ କିମ୍ବା ଅଧିକାରୀ ରହିନଥା' ! ପରିଚାଳକ ଗଣଙ୍କ ସୀମିତ କ୍ଷମତା ରହିଥାଏ ଯାହା ସାଧାରଣ ଜନତାଙ୍କ ଅଭିଯୋଗକ୍ରମେ ପରିବ' ତ ହୋଇଥାଏ ଯାହାକୁ ଗଣତନ୍ତ୍ର ବୋଲି କୁହାଯାଇ ପାରିବ, ତାହା ଆମ ଦେଶର ଆଇନ ପରିସରଭୁକ୍ତ ନୁହେଁ। ତେଣୁ ଆମ ଦେଶରେ କେବଳ ଦର୍ଶନୀ ଗଣତନ୍ତ୍ରରେ କଠୋର ରାଜତନ୍ତ୍ରର ପ୍ରଚଳିତ ବ୍ୟବସ୍ଥା ମଧ୍ୟରେ ସାଧାରଣ ଜନ ଆନ୍ଦୋଳନକୁ କୌଣସି ମତେ ଗ୍ରହଣୀୟ ହେଉନଥିବା କୌଣସି ଆଶ୍ଚର୍ଯ୍ୟର ବିଷୟ ନୁହେଁ। ତେଣୁ ପ୍ରଥମେ ଆମେ ଜନ ଆନ୍ଦୋଳନ ତେଜିବା ପୂର୍ବରୁ ନିଜକୁ ତଥା ବ୍ୟବସ୍ଥାକୁ ପରଖିବାକୁ ହେବ ଯେ ଆମ ଦେଶରେ ଶାସନ ବ୍ୟବସ୍ଥାର ରୂପରେଖ କ'ଣ, ଯାହା ଉପସ୍ଥିତ ସମୟରେ ଆମେ ସମସ୍ତେ ଠିକ୍ ଭାବେ ବୁଝିଛେ, ଜାଣିଛେ ମଧ୍ୟ ଏହିଭଳି ପରିବେଶ ମଧ୍ୟରେ କୌଣସି ଗଣ ଆନ୍ଦୋଳନ କରାଯିବା ଆଦୌ ଠିକ୍ ନୁହେଁ। ଯଦି ଆମ ବିଚାରରେ ଗଣ ଆନ୍ଦୋଳନ ତେଜିବାର ଅଛି ତାହେଲେ ସାମ୍ବିଧାନିକ ନିୟମ ମଧ୍ୟରେ ରହି କଲେ ତାର କିଛି ସୁଫଳ ମିଳିବା ଆଶା ରଖାଯାଇ ପାରେ। ଅଥବା ଆମର ଲକ୍ଷ ପ୍ରାପ୍ତ ହେବ ନାହିଁ ସେଇଥିରେ କୌଣସି ସନ୍ଦେହ ନାହିଁ, ଯାହା ହେଉଛି ଅନେକ ଗଣ ଆନ୍ଦୋଳନର ପରିଣତି । ଉପସ୍ଥିତ ସମୟର ଷଡ଼ଯାନ୍ତ୍ରୀକ ଗଣତାନ୍ତ୍ରିକ ନିୟମ ମଧ୍ୟରେ ଯଦି ଆମେ ଗଣ ଆନ୍ଦୋଳନ କରିବାକୁ ଚାହୁଁଛେ ତାହେଲେ ଏମିତି ଏକତ୍ରିତ ହୋଇ ନିଜର ଆର୍ଥିକ, ମାନସିକ ତଥା ବହୁ ମୂଲ୍ୟବାନ ସମୟକୁ ନଷ୍ଟ କରି ଯେତିକି ଖର୍ଚ୍ଚା' ହୋଇ ବିଫଳ ହେଉଛେ ତାଠାରୁ ଯଥେଷ୍ଟ କମ ଖର୍ଚ୍ଚରେ ମଧ୍ୟ ଆମର ଦାବି ଗୁଡିକର ସଫଳତା ହାସଲ କରିହେବ ଯଦି ସଠିକ ମାର୍ଗରେ କରାଯିବ ! ତାହା ଉପରେ ସାଧାରଣରେ କାହାର ଜ୍ଞାନ ନଥାଇ କେବଳ ଦଳଗତ ଆଲୋଚନା ଏବଂ ଗଣ ଧାରଣା ଦେଇ ଆମର ଦାବି ହାସଲ କରିବା ଲକ୍ଷ ରଖି କରାଯାଉଥିବା ଗଣ ଆନ୍ଦୋଳନର ସଫଳତା ଉପରେ ସବୁବେଳେ ପ୍ରଶ୍ନବାଚୀ ରହିଥାଏ। ବ ମାନ ବିଚାର କରିବା ଯେ ଆମ ଦେଶରେ ଉପସ୍ଥିତ ସମୟର ନିୟାମକ ମଧ୍ୟରେ ଗଣ ଆନ୍ଦୋଳନ ନକରି ପ୍ରଥମେ କ'ଣ କରାଯିବା ଉଚିତ ଯାହା ଆମକୁ ସଫଳତାର ମାର୍ଗ ଦର୍ଶାଇବ...

ଆମ ଦେଶର ଦର୍ଶନୀ ଗଣତନ୍ତ୍ରରେ ଲୁକାୟିତ ରହିଥିବା କଠୋର ରାଜତନ୍ତ୍ର ଗୁଡିକୁ ବୁଝିବାକୁ ହେବ। ସେମାନେ ବଂଶାନୁକ୍ରମିକ ପିଢ଼ିକୁ ପିଢ଼ି ଶାସନ ଗାଦି ଆରୋହଣ କରି ନିଜର ରାଜନୈତିକ କ୍ଷମତାକୁ ବଳପୂର୍ବକ ପ୍ରୟୋଗ କରି ଚଳାଇଛ' ନିଜର ଶାସନ କ୍ଷମତା । କି' ଲୋକଙ୍କୁ କହିବାକୁ କହୁଛ' ଆମେ ଏକ ଗଣତନ୍ତ୍ର ରାଷ୍ଟ୍ରର ନାଗରିକ ସମୂହ । ଆମେ ମଧ୍ୟ ଠିକ୍ ସହିଭଳି କିଛି ଅଭିନବ ଉପାୟରେ ଆମର ଦାବି ଗୁଡିକ ଉପସ୍ଥାପନା କରିବାକୁ ହେବ ଯାହା ସର୍ବସାଧାରଣଙ୍କ ସ୍ୱୀକୃତି ପରିସରଭୁକ୍ତ ହେବ । ସେମାନଙ୍କ ଭାଲୁ ଷଡ଼ଯାନ୍ତ୍ରୀକ ପଦ୍ଧତିରେ ଆମର ଆନ୍ଦୋଳନକୁ ସଜାଗ କରିବାକୁ ହେବ । ଦେଶର ସମଗ୍ର ଜନସାଧାରଣ ଅନୁଭବ କରିବାକୁ ହେବ ଯେ ଏହା ଆମର ନ୍ୟାର୍ଯ୍ୟ ଦାବି ଯାହା ପୁରଣ କରାଯିବା ଅତ୍ୟ' ଆବଶ୍ୟକ । ସେତିକି ବେଳେ ସାଧାରଣ ଜନତାଙ୍କ ମାନସିକତାକୁ ଆଲୋଡିତ କଲାଭଳି ପରିବେଶ ପରିସ୍ଥିତି ସୃଷ୍ଟି କଲେ ହୁଏତ ଶାସକ ରାଜାଙ୍କ ଉପରେ କୌଣସି ପ୍ରଭାବ ପଡିବ ଯେ ତାହା ନକଲେ ପରବ ୀ ସମୟରେ ହୁଏତ ତାଙ୍କର ଗାଦୀ ସୁରକ୍ଷିତ ନରହିପାରେ। ତେଣୁ ଶାସକ- ରାଜା ସେହି ସବୁ ଦାବି ଗୁଡିକୁ ବିଚାରକୁ ନେବା ପାଇଁ ବାଧ୍ୟ ହେବେ। ଅନ୍ୟଥା ଏକକ ଗୋଷ୍ଠୀ ମଧ୍ୟରେ ସମ୍ବଳିତ ବିଭିନ୍ନ ଭାବଧାରାକୁ ସିଧା ସଳଖ ନେଇ ଏକ ଗଣ ଧାରଣା ମାଧ୍ୟମରେ ରାଜ ରାସ୍ତାରେ ଉ ାଳନ କରିବା ଦ୍ୱାରା କେତେବେଳେ କାହାଦ୍ୱାରା ବିରୋଧର ଶିକାର ମଧ୍ୟ ହେବାକୁ ପଡିଥାଏ ଅନେକ ସମୟରେ।

ତେଣୁ ଏକ ଅଭିନବ ଉପାୟରେ ଗଣ ଧାରଣା କରିବା ଲକ୍ଷ ରଖି କାର୍ଯ୍ୟ ହାସଲ କରାଯାଇ ପାରିବ। ତା'ପାଇଁ ସ୍ୱତନ୍ତ୍ର ବିଚାର ତଥା ନିର୍ଦ୍ଦିଷ୍ଟ ନୀତି ନିୟମ ଗୁଡିଏ ପ୍ରଥମେ ଆପଣେଇ ନେବାକୁ ହେବ। କେବଳ ଦଳପତି ତଥା ନେତୃବୃନ୍ଦ ମଣିଷଙ୍କ ବିଚାର ଜ୍ଞାନ ବ୍ୟତୀତ ଜ୍ଞାନୀ ଗୁଣି ତଥା ଉପାୟ ଯାନ୍ତ୍ରିକ ବୁଦ୍ଧିସିକ୍ତ ମଣିଷଙ୍କ ସହାୟତା ନେଇ ଆଗକୁ ବଢିଲେ ହୁଏତ କେତେକାଂଶରେ ଗଣ ଧାରଣା ଗୁଡିକ ସଫଳ ହେବାର ସମ୍ଭାବନ ରହିଛି ଯାହା କାହାର ଚେତନରେ ନାହିଁ । ଆମକୁ ପ୍ରଥମେ ସେଗୁଡିକର ଉତ୍ସଚ୍ଛ ଗୁଡିକୁ ଉ ାଳନ କରି ଅଭିନବ ପ୍ରୟାସ କଲେ ହୁଏତ ଆମେ କିଛିକାଂଶରେ ସଫଳ ହୋଇପାରିବା ବୋଲି ଆମ ବିଚାର । ଏହା କେତେଦୂର ଗ୍ରହଣୀୟ ହେବ ବିଭିନ୍ନ ଗୋଷ୍ଠୀର ମଣିଷଙ୍କ ଦ୍ୱାରା ତାହା ନିର୍ଭର କରୁଛି ସେମାନଙ୍କ ବୁଝିବା ଜ୍ଞାନ ଉପରେ। (ସମାପ୍ତ)

ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ-୭୬୧୦୨୦.
ଦୂରଭାଷ.: ୯୪୩୭୩୨୪୯୧୭.




# ଝଡ଼


ସୁଦର୍ଶନ ମହାପାତ୍ର

ଶ୍ରୀମନ୍ତର ବାହାଘର ସରିଯାଇଥିଲା। ଘରକୁ ତା'ର ପତ୍ନୀର ମର୍ଯ୍ୟାଦା ପାଇ ଆସିଥିଲା ବ୍ରତତୀ।

ବାହା ହେବାକୁ ଆଗୁ ରାଜି ନଥିଲା ଶ୍ରୀମନ୍ତ। ଯଦିଓ ଚାକିରି କରିବା ପରେ ପରେ ବାହାଘର ଶବ୍ଦ ଶୁଣି ସମ୍ମତି ସୂଚକ ହସ ହସୁଥିଲା ଏବଂ 'ଏତେ ତରତର କାହିଁକି' ବୋଲି କହୁଥିଲା, ପ୍ରାୟ ଦୁଇ ବର୍ଷ ଗଡିଗଲା ପରେ ଆଉ କିନ୍ତୁ ବାହାଘର ପାଇଁ ରାଜି ନଥିଲା। ପୁଅକୁ ବୁଝାଇ ବୁଝାଇ ଥକି ଯିବାପରେ ସୁଶୀଳା ଦେବୀ ଶେଷକୁ ଝିଅ ଉପରେ ଏଇ ଗୁରୁ ଦାୟିତ୍ୱ ସମର୍ପି ଦେଇଥିଲେ। ସ୍ୱାମୀ ଙ୍କ ସହ ଦୂର ସହରରେ ରହୁଥିବା ସୁଶ୍ରୀ ବି ଭାଇଙ୍କୁ ବୁଝାଇବାକୁ ବହୁତ ଚେଷ୍ଟା କରିଥିଲା। ତା'ର ସ୍ୱାମୀ ମଧ୍ୟ କେଇଥର କହିବା ପରେ ତୁନି ପଡିଥିଲେ।ସାନ ଭଉଣୀଟିଏ କେମିତି ଅବା ଭାଇଙ୍କ ମନକଥା ବୁଝିବାକୁ ସମର୍ଥ ହୋଇଥାନ୍ତା !

ଶ୍ରୀମନ୍ତ କେତେବେଳେ କେମିତି ମାଆ ର ଭଲମନ୍ଦ ବୁଝିବାକୁ ଫୋନ୍ କଲେ ଏବେ ଶୁଣୁଥିଲା ଯାହା ମାଆର କାନ୍ଦ ସ୍ୱର। ଗୋଟିଏ ରବିବାର ଛାଡି ପର ରବିବାର କୁ ଆସି ବାହାଘର ପାଇଁ ଏମିତି ଜିଦି ନଧରିବାକୁ ବୁଝାଇବାକୁ ଚେଷ୍ଟା କରିଥିଲା। ମାଆ ହସ୍ପିଟାଲରେ ଭର୍ତ୍ତି ହୋଇଛି ବୋଲି ହଠାତ୍ ଦିନେ ଶୁଣିଲା ଶ୍ରୀମନ୍ତ। ମାଆ ପାଖରେ ପହଞ୍ଚିଲା ସେ। ଭଉଣୀ ବି ଆସି ପହଞ୍ଚିଲା।ଭଉଣୀ ଆଖିରେ ଅନବରତ ଲୁହ ଗଡୁଥିବାର ଦେଖିଲା ଶ୍ରୀମନ୍ତ।ଆଇ ସି ୟୁ ରୁ ମାଆ ବାହାରିବାର ଗୋଟିଏ ଦିନ ପରେ ବାହାଘର ପାଇଁ ରାଜି ବୋଲି ଘୋଷଣା କଲା ଶ୍ରୀମନ୍ତ। ମାଆ ଶୀଘ୍ର ଆରୋଗ୍ୟ ଲାଭ କଲେ ତା'ର ଏହି ପଦକ୍ଷେପରେ ଏବଂ ଭଉଣୀ ମୁହଁରେ ହସ ଖେଳିବାର ଦେଖିଲା ସେ।

ବାହାଘର ପାଇଁ ଗୋଟିଏ ସର୍ତ୍ତ ରଖିଲା ଶ୍ରୀମନ୍ତ। ସେ ଝିଅ ଦେଖିବାକୁ ଯିବ ନାହିଁ ଏବଂ ଯେଉଁ ଝିଅକୁ କୁହାଯିବ ସେ ବାହା ହୋଇ ଆସିବ। ଆହୁରି ଭାଳେଣି ପଡ଼ିଲା।ଏ କି ଅଜବ କଥା !

ମାଆ ମୁହଁକୁ ଚାହିଁ ଏଇ ଗୁରୁ ଦାୟିତ୍ୱ ବହନ କଲା ସୁଶ୍ରୀ। ମନେ ପଡିଲା ତା'ର ବ୍ରତତୀ କଥା। ସ୍କୁଲ ବେଳର ସାଙ୍ଗ। ସେଇ ହସକୁରୀ ସାଙ୍ଗ ଭାଇ ପାଇଁ ଠିକ୍ ହେବ ବୋଲି ଅନୁଭବ କଲା ସୁଶ୍ରୀ।

ପିଲାଦିନୁ ମାଆକୁ ହରେଇଥିବା ବ୍ରତତୀ ବିବାହ ଯୋଗ୍ୟା ହେଲା ବେଳକୁ ବାପା ତା'ର ହଠାତ୍ ହୃଦଘାତରେ ଆରପାରିକୁ ଚାଲିଗଲେ।ତା' ବିବାହ ପାଇଁ ଆସୁଥିବା ପ୍ରସ୍ତାବ ସବୁ ଆପେ କାଟ୍ ଖାଇ ଯାଉଥିଲା ଭାଇ ଭାଉଜଙ୍କ ଆନ୍ତରିକତା ଅଭାବରେ। ରୂପ ଗୁଣରେ ସେମିତି କିଛି ଅପସନ୍ଦ କରିବାର ନଥିଲେ ବି ବ୍ରତତୀ ପାଇଁ ଖୁସିର ସାହାନାଇ ବାଜିବାର ମାହେନ୍ଦ୍ର ମୁହୂର୍ତ୍ତ ଆସି ନଥିଲା।

ବ୍ରତତୀ ରାଜି ହୋଇ ଯାଇଥିଲା ବାନ୍ଧବୀ ସୁଶ୍ରୀ କଥାରେ। ଶ୍ରୀମନ୍ତ ଙ୍କର ବାହାଘର ପାଇଁ ଅରାଜି ବିଷୟରେ ଶୁଣିଥିଲେ ବି ବ୍ରତତୀ ମନରେ କିଛି ସ୍ୱପ୍ନ, କିଛି ଅଭିଳାଷା ନିଶ୍ଚୟ ଉଙ୍କି ମାରିଥିଲା। କିଛି ଡେରିରେ ହେଉ ପଛେ ତା ଜୀବନରେ ଖୁସି ନିଶ୍ଚୟ ଆସିବ, ତା'ର ହୃଦବୋଧ ହେଉଥିଲା। ଭଗବାନ ଙ୍କ ଉପରେ ତା'ର ଅଗାଧ ବିଶ୍ୱାସ ଓ ଭରସା ଥିଲା। ନଚେତ୍ ହଠାତ୍ ଏମିତି ଏକ ବିବାହ ପ୍ରସ୍ତାବ କେମିତି ଆସିଥାନ୍ତା ! ଚତୁର୍ଥୀ ରାତି ପାହିଲା ବେଳକୁ ଅଫିସ ରେ କାମ ଅଛି କହି ଶ୍ରୀମନ୍ତ ସହରାଭିମୁଖୀ ହୋଇଥିଲା। ଦୁଇ ଦିନ ଯାଇଛି କି ନାହିଁ ବ୍ରତତୀ କୁ ସାଙ୍ଗରେ ଧରି ମାଆ ତା'ପାଖରେ ପହଞ୍ଚି ଯିବାରୁ ସେ ଆଶ୍ଚର୍ଯ୍ୟ ହେଲା ସିନା କିଛି କହିପାରିଲାନି। ଗାଆଁ ରେ ଅନେକ କାମ ଅଛିର ବାହାନା ଦେଖାଇ ଦୁଇ ତିନି ପରେ ମାଆ ଏକା ଫେରି ଯାଇଥିଲା । କେତେ ରାତି କଟି ଯାଇଥିଲା ଏମିତି ଏମିତି। ଶ୍ରୀମନ୍ତ ଙ୍କ ମନ ଜିଣିବା ପାଇଁ ଏବଂ ତାଙ୍କ ସାନ୍ନିଧ ପାଇବା ପାଇଁ ନିଜର ପ୍ରୟାସ ଜାରି ରଖିଥିଲା ବ୍ରତତୀ। ନିଜ ଭିତରର ଦୁଃଖ କୁ ଲୁଚେଇ ହସ ହସ ମୁହଁରେ ପ୍ରତିଟି ସକାଳକୁ ଆବାହନ କରି ଚାଲିଥିଲା।

ବ୍ରତତୀ ର ହସ ହିଁ ଶ୍ରୀମନ୍ତଙ୍କୁ ବେଶୀ ବିରକ୍ତ ଲାଗୁଥିଲା।

କି ଅପୂର୍ବ ସଂଯୋଗ ! ବ୍ରତତୀ ର ହସ କିପରି ଶାଶ୍ୱତୀର ହସ ସହ ମିଶି ଯାଇପାରେ ? ଯେଉଁ ହସ ଦେଖି ସେ ଦିନେ ଶାଶ୍ୱତୀ ପ୍ରେମରେ ପଡିଥିଲା ଏବଂ ସେଇ ହସ ପଛପଟରେ ବିଷ ଯେ ଲୁଚି ରହିଥିଲା, ସେ କେମିତି ବୁଝି ପାରିନଥିଲା ?

ଶାଶ୍ୱତୀ ସହିତ ସାକ୍ଷାତ ହୋଇଥିଲା ବାଙ୍ଗାଲୋରରେ। ଗୋଟିଏ କମ୍ପାନୀରେ ଦୁହେଁ ଚାକିରୀ ପାଇଥିଲେ। କ୍ୟାମ୍ପସ ଭିତରେ ବାରମ୍ବାର ଦେଖା, ସେଇଠୁ ପରିଚୟ। ସେଇ ପରିଚୟ କୁ ଗଭୀର ସମ୍ପର୍କରେ ରୂପାନ୍ତରିତ ନିଜ ଆଡୁ କରିଥିଲା ଶାଶ୍ୱତୀ। ଶ୍ରୀମନ୍ତ ପ୍ରେମର ସ୍ୱର୍ଗ ରାଜ୍ୟରେ ବିଚରଣ କରୁଥିଲା ଏବଂ ଶାଶ୍ୱତୀକୁ ବିବାହ ପ୍ରସ୍ତାବ ଦେଇଥିଲା।ଆଉ କିଛିଦିନ ଅପେକ୍ଷାର ଆଳ ଦେଖାଇ ଶେଷକୁ ଅଚାନକ ସମ୍ପର୍କ କାଟି ଦେଇଥିଲା ଶାଶ୍ୱତୀ। ତା'ର ପ୍ରତିପତ୍ତିଶାଳୀ ବାପାଙ୍କର ଜ୍ୱାଇଁ ହେବାକୁ ସଂକୀର୍ଣ୍ଣ ମନୋଭାବର ଶ୍ରୀମନ୍ତ ଯେ ଯୋଗ୍ୟ ନୁହେଁ ବୁଝାଇ ଦେଇଥିଲା କଟା ଘା ରେ ଚୂନ ଦେଲାଭଳି। ଶାଶ୍ୱତୀ ବାହାଘରର ନିମନ୍ତ୍ରଣ କାର୍ଡ ଅଳ୍ପ କେତେଦିନ ପରେ ପାଇଥିଲା ଶ୍ରୀମନ୍ତ। କୋଟିପତି ବାପାଙ୍କର ରାଜନନ୍ଦିନୀ ଯେ ତା ସହିତ ପ୍ରେମର ନାଟକ କରୁଥିଲା ତା'ର କଳ୍ପନାର ବାହାରେ ଥିଲା। ବାଙ୍ଗାଲୋର ସହର ତାକୁ ସେବେଠୁ ଅସହ୍ୟ ହେଲା। କୌଣସି ଝିଅର ସମ୍ଭାଷଣରେ ସେ କ୍ଷୁବ୍ଧ ହେଲା। ଦୁନିଆରେ ସବୁ ଝିଅ କେବଳ ଛଳନା କରନ୍ତି ତା'ର ହୃଦୟଙ୍ଗମ ହେଲା। ବିଶ୍ୱାସ ଭାଙ୍ଗିବାରେ ଆଜିକାଲିର ଝିଅମାନେ ପରିପକ୍ୱ ବୋଲି କେହି ଜଣେ ସହକର୍ମୀ କହିଲେ।ବାହା ହେବାପରେ ବି ଝିଅ ମାନେ ସ୍ୱାମୀ ମାନଙ୍କ ସହିତ ବିଶ୍ୱାସଘାତକତା କରିବାର ଜ୍ୱଳନ୍ତ ଉଦାହରଣ ନିଜ ପତ୍ନୀ ବୋଲି ବଖାଣିଲେ ଆଉ ଜଣେ ଛାଡ଼ପତ୍ର ଦେଇଥିବା ସହକର୍ମୀ।

ସେଇଠୁ ଶ୍ରୀମନ୍ତ ମନରେ ବାହାଘର ପ୍ରତି ବିମୁଖତା ଉଦ୍ରେକ ହେଲା। ବାଙ୍ଗାଲୋର ସହରରେ ସେ ଅଣନିଃଶ୍ୱାସୀ ଅନୁଭବ କରୁଥିଲା ତ ଚେଷ୍ଟା କରି ଭୁବନେଶ୍ୱର ବ୍ରାଞ୍ଚ କୁ ଟ୍ରାନ୍ସଫର ହୋଇ ଆସିଲା। ହେଲେ ବାହାଘର ପାଇଁ ଆଉ ରାଜି ନଥିଲା।

ପରିସ୍ଥିତିରେ ପଡି ବ୍ରତତୀ କୁ ବାହାହେଲା ସିନା ତାକୁ ସେଇ ସନ୍ଦେହ, ସେଇ ଅବିଶ୍ୱାସ ଖାଇ ଗୋଡଉଥିଲା। ବ୍ରତତୀ ଚଳଣିରେ ଉପରେ ଅନେକ କଟକଣା ଜାରି କରିଥିଲା। କୌଣସି କାରଣ ନଥାଇ ବିରକ୍ତ ହେଉଥିଲା।କାହା ସହିତ ଫୋନରେ କଥା ହେବା ବ୍ରତତୀ ପାଇଁ ଯେମିତି ଗର୍ହିତ କାର୍ଯ୍ୟ ଥିଲା। ପ୍ରକୃତରେ ସନ୍ଦେହରେ ଝଡ଼ ରେ ଶ୍ରୀମନ୍ତ ଅହରହ ଅସ୍ତବ୍ୟସ୍ତ ହୋଇପଡୁଥିଲା। ସେଦିନ ଅସମୟରେ ଶ୍ରୀମନ୍ତ ଅଫିସରୁ ଫେରିଲା। ଯେଉଁ କଥାକୁ ଭୟ ସେଇଆ ହିଁ ଘଟିଥିଲା। ବ୍ରତତୀ ର ଫୋନ୍ କରି ଜାଣିଲା ଯେ ସୁଜୟ ନାମଧାରୀ କେଉଁ ବ୍ୟକ୍ତିଙ୍କ ସହ କିଛି ସମୟ ପୂର୍ବରୁ କଥା ହେଉଥିଲା ସେ। ଏଥିନେଇ ନିଜର ଅଶାନ୍ତି ବ୍ୟକ୍ତ କଲା ଶ୍ରୀମନ୍ତ। ଯାହା ମନକୁ ଆସିଲା ବକିଗଲା ବ୍ରତତୀ ଉପରେ।ସୁଜୟ ଯେ ତା ମାମୁଙ୍କ ପୁଅ, ତା'ର କୈଫତକୁ ଗ୍ରହଣ କରିନଥିଲା ଶ୍ରୀମନ୍ତ। ଝଡ଼ ଯେମିତି ଅବପାତର ରୂପ ନେଇଥିଲା ପୁଣି ଥରେ।

ସେଦିନ ରାତିରେ ଠିକ୍ କରି ଶୋଇ ପାରିନଥିଲା ଶ୍ରୀମନ୍ତ। ଚାହିଁଲା ବ୍ରତତୀ ଆଡେ। ସାମାନ୍ୟ ଅସଜ୍ଞତ ଅବସ୍ଥାରେ ଥିଲା ତା'ର ଅଙ୍ଗବାସ। ଯେମିତି ବ୍ରତତୀ ନୁହେଁ ଶାଶ୍ୱତୀ ଶୋଇଛି ସେଇ ଅବସ୍ଥାରେ।ହିଂସ୍ର ହୋଇ ଉଠିଲା ଶ୍ରୀମନ୍ତ..! ବ୍ରତତୀର ନିଦ ଭାଙ୍ଗି ଯାଇଥିଲା।ଶ୍ରୀମନ୍ତ ଯେମିତି ନିଜ ଆୟତ୍ତରେ ନଥିଲା। ସେ ଗୋଟିଏ ବିଶ୍ୱାସ ଭାଙ୍ଗିଥିବା ଦେହ ଉପରେ ପ୍ରତିଶୋଧ ନେଉଥିଲା। ତା'ର ସବୁ ଅଦଉତି କୁ ସହିନେଲା ନିର୍ବିକାରରେ। ଗତ ରାତିରେ ଶ୍ରୀମନ୍ତ ଛାପିଥିବା ହିଂସ୍ରତାର ଦାଗ କେତୋଟି ବ୍ରତତୀ ଦେହରେ ପରିସ୍ଫୁଟିତ ଥିଲା ସକାଳକୁ। ପ୍ରାତଃ ଭ୍ରମଣ ସାରି ଶ୍ରୀମନ୍ତ ଫେରିଲା ତ ବହୁତ ଦିନ ପରେ ବ୍ରତତୀ କୁ ଖୁବ୍ ଖୁସି ଥିବାର ଅନୁଭବ କଲା। ଆଶ୍ଚର୍ଯ୍ୟ ହେଲା ସେ। ତା'ର ଏତେ ଉଦାସୀନତା, ଏତେ ଅତ୍ୟାଚାର ପରେ ବି ବ୍ରତତୀ କେମିତି ମୁହଁରେ ହସ ଫୁଟାଇ ପାରୁଛି ତା ଆଡେ ଚାହିଁ? ପ୍ରାୟ ତିନି ମାସ ପରର ଘଟଣା। ସେଦିନ ଅଫିସ ଟାଇମ୍ ମଝିରେ ହଠାତ୍ ଘରେ ପହଞ୍ଚିଲା ଶ୍ରୀମନ୍ତ। ଘର ଭିତରେ ଗୋଟିଏ ପୁରୁଷର ଧୀର କଣ୍ଠ ସ୍ୱର।ଯେଉଁଠି ବାଘ ର ଭୟ ସେଇଠି ସଞ୍ଜ ! ଝଡ଼ଟିଏ ବହୁଥିଲା ତା ଭିତରେ।

ଶୁଭିଲା ପୁଣି ବ୍ରତତୀର ସାମାନ୍ୟ ଉଚ୍ଚ ସ୍ୱର।-' ମୁଁ ତୁମକୁ କହିଥିଲି ଏଠିକି ନଆସିବା ପାଇଁ। କାହିଁକି ଆସିଲ ? ସେ ଯଦି ଜାଣିବେ ପରିସ୍ଥିତି ଆହୁରି ଖରାପ ହୋଇଯିବ।' ଶ୍ରୀମନ୍ତ କଲିଂବେଲ ବଜାଇଲା। କବାଟ ଖୋଲିଲା ବ୍ରତତୀ। ଆଖି ତଳେ ସଦ୍ୟ ପୋଛା ଯାଇଥିବା ଲୁହର ଅଧାଲିଭା ଚିହ୍ନ। ଆଖି ତଥାପି ଛଳଛଳ।ତା ପଛକୁ ଠିଆ ହୋଇଥିଲେ ପ୍ରାୟ ଷାଠିଏ ବର୍ଷୀୟ ଜଣେ ବୃଦ୍ଧ। ଶ୍ରୀମନ୍ତ କିଛି କହିବା ପୂର୍ବରୁ ତା ପାଦ ଧରି ପକେଇଲେ ବୃଦ୍ଧ ଜଣକ।

-' ମୁଁ ବ୍ରତତୀର ମାମୁ। ତା'ର କିଛି ଦୋଷ ନାହିଁ। ସେ ମୋତେ ମନା କରିଥିଲା ଏଠିକି ଆସିବା ପାଇଁ।ସତ କହୁଚି ମୁଁ ଆସି ନଥାନ୍ତି। ମାଆ ଛେଉଣ୍ଡ ଝିଅଟା ମୋର ବହୁତ କଷ୍ଟ ପାଇଛି।ମାଆ ହେବାକୁ ଯାଉଛି ଜାଣି ତାକୁ ଦେଖିବାକୁ ଟିକିଏ ଚାଲି ଆସିଲି। ମୁଁ ଏବେ ଚାଲି ଯାଉଛି।ମୋତେ କ୍ଷମା କରିଦିଅ..।'

ଶ୍ରୀମନ୍ତ ଲଥ୍ କରି ବସି ପଡିଲା ବୃଦ୍ଧଙ୍କ ପାଖରେ। ଆଖିରେ ତା'ର ଲୁହ। ତଟସ୍ଥ ହେଲା ବ୍ରତତୀ।

-' ଆପଣ ମୋର ପୂଜ୍ୟ। ମୋ ବ୍ୟବହାର ପାଇଁ ମୁଁ ଖୁବ୍ ଅନୁତପ୍ତ। ମୋତେ କ୍ଷମା କରିଦିଅନ୍ତୁ। ମୁଁ ଗାଁ କୁ ଯାଇ ମାଆକୁ ଆଣିବା ପର୍ଯ୍ୟନ୍ତ ଏଇଠି ଏବେ ରହିଥାନ୍ତୁ।'

ବ୍ରତତୀର ଉଛୁଳା କାନ୍ଦ ସ୍ୱରରେ ଶ୍ରୀମନ୍ତ ଯେମିତି ବିଗଳିତ ହୋଇ ଯାଉଥିଲା। ରୁମ୍ ଭିତରକୁ ଯାଇ ବ୍ରତତୀର ମଥାରେ ଅନୁରାଗର ଚୁମ୍ବନ ଟିଏ ଆଙ୍କି ଦେଇଥିଲା ଶ୍ରୀମନ୍ତ...!!

*କୁଞ୍ଜବିହାରୀ ଲେନ, କଟକ*

*୯୪୩୮୧୭୫୫୪୨*

# ଜଙ୍ଗଲ ସୁରକ୍ଷା


ପ୍ରତିଭା ଚୌଧୁରୀ

ସିଂହ ଝର ନାମରେ ଗୋଟିଏ ଜଙ୍ଗଲ ଥିଲା।ସେ ଜଙ୍ଗଲରେ ବିଭିନ୍ନ ପ୍ରକାର ଗଛ ଥିଲା । ଯେମିତି କି ବିଭିନ୍ନ ପ୍ରକାର ଫୁଲ , ଫଳ ଓ ଔଷଧ ଗଛରେ ଇତ୍ୟାଦି ପରିପୂର୍ଣ୍ଣ ଥିଲା। ସେହି ଜଙ୍ଗଲର ନାମ ସିଂହଝର ହେବାର କାରଣ ସେ ଜଙ୍ଗଲରେ ବାକି ସବୁ ପଶୁପକ୍ଷୀଙ୍କ ଠାରୁ ଅଧିକ ସିଂହ ରହୁଥିଲେ, ଓ ସେ ଜଙ୍ଗଲରେ ବହୁତ ସୁନ୍ଦର ଝରଣା ଟିଏ ଥିଲା। ଏହି କାରଣରୁ ସେ ଜଙ୍ଗଲର ନାମ ସିଂହଝର ଅଟେ। ସିଂହ ଝର ଜଙ୍ଗଲ ପାଖରେ ଏକ ଛୋଟ ଗାଁ ଥିଲା।ସେ ଗାଁ ର ନାମ ସିଂହପୁର ଥିଲା।ସେ ଛୋଟ ଗାଁ ର ନାମ ସିଂହପୁର ହେବାର କାରଣ ସିଂହଝର ଜଙ୍ଗଲର ନାମରେ ନାମିତ ହୋଇଛି। ସିଂହ ଝର ଜଙ୍ଗଲରେ ଥିବା ସୁନ୍ଦର ଝରଣାରେ ବହୁତ ପ୍ରକାର ମାଛ ଥିଲା ଓ କଇଁଛ ଥିଲେ । ସେ ଜଙ୍ଗଲର ସୁନ୍ଦରତା ଝରଣାର ସୁନ୍ଦରତାକୁ ଲୋକମାନେ ଦେଖିବାକୁ ଆସନ୍ତି।

ଏମିତି ହିଁ ଗ୍ରୀଷ୍ମ ଋତୁରେ ଗୋଟିଏ ପରିବାର ବୁଲିବାକୁ ଆସିଥିଲେ, ଜଙ୍ଗଲ ଦୁଇ ଭାଗରେ ବିଭକ୍ତ ହୋଇଥାଏ। ଗୋଟିଏ ପଟେ ଝରଣା ଓ ଅନ୍ୟ ପଟେ ପଶୁପକ୍ଷୀ ଓ ହିଂସ୍ରଜନ୍ତୁ ରହନ୍ତି। ପରିବାର ର ଲୋକମାନେ ପ୍ରଥମେ ଝରଣା ଆଡ଼କୁ ବୁଲିଲେ ଏବଂ ସେଠାରେ ବିସ୍କୁଟ ,ମିକ୍ସଚର ଖାଇ ଏହି ସବୁ ଅଳିଆକୁ ନିଆଁ ଲଗାଇବା ଆଗରୁ ବର୍ଷା ହେବାର ସମ୍ଭାବନା ଥିଲା। ଯେତେବେଳେ ସେ ସଦସ୍ୟମାନେ ନିଆଁ ଲଗାଇଲେ ସେଥିରେ କିଛି ନିଆଁ କେତେକ ଶୁଖିଲା ପତ୍ରରେ ଲାଗିଗଲା ତାହା ଅଧିକ ଦୂର ଯିବା ଆଗରୁ ବର୍ଷା ହୋଇଗଲା। ସେଥିପାଇଁ ଜଙ୍ଗଲ ଜଳିବାରୁ ବଞ୍ଚିତ ହେଲା। କିଛି ଦିନ ପରେ ଆଉ କିଛି ପରିବାର ସେ ଜଙ୍ଗଲର ଝରଣା ଥିବା ଭାଗକୁ ଆସିଲେ। ସେଠାରେ ଅଳିଆ ଆବର୍ଜନାକୁ ନିଆଁ ଲାଗିଥିବା ବେଳେ ସିଂହପୁର ର ଏକ ପୁଅ ସେ ନିଆଁକୁ ଦେଖି ଗାଁର ଲୋକଙ୍କୁ କହିଦେଲା। ସିଂହପୁର ର ଲୋକମାନେ ଦମକଳ କେନ୍ଦ୍ରକୁ ଫୋନ କଲେ। ଅଗ୍ନିସମ ବାହିନୀ କର୍ମଚାରୀ ଆସିବା ପର୍ଯ୍ୟନ୍ତ ନିଆଁ ଆହୁରି ବଢି ଯାଇଥିଲା। ଅଗ୍ନି ସମ ବାହିନୀ ବିଳମ୍ବରେ ନିଆଁକୁ ଲିଭାଇବା ରେ ସକ୍ଷମ ହେଲେ। ନିଆଁ ଲିଭିବା ପରେ ଦେଖିଲେ ଯେ ସିଂହ ରହୁଥିବା ଭାଗରେ ଅଳ୍ପ ଅଳ୍ପ ନିଆଁ ଲାଗିଥିଲା। ନିଆଁକୁ ଦମକଳ କେନ୍ଦ୍ର କର୍ମଚାରୀମାନେ ଲିଭାଇ ଦେଲେ ନିଆଁ ପୁରାପୁରି ଲିଭିବା ପରେ କର୍ମଚାରୀମାନେ ଚାଲିଗଲେ। ତା ପରେ ସିଂହଝର ର ସୁନ୍ଦରତା କମିଗଲା। ସେ ଜଙ୍ଗଲର ଗଛ ପତ୍ର ସବୁ ଝରଣାରେ ପଡ଼ି ଝରଣାର ପାଣି ଖରାପ ହୋଇଗଲା ଏବଂ ପାଣି କଳା ହୋଇଗଲା। ସେ ଜଙ୍ଗଲ ଆଗଭଳି ସୁନ୍ଦର ଦିଶୁ ନ ଥାଏ। ସିଂହପୁର ର ଲୋକମାନେ ମିଶି ଜଙ୍ଗଲକୁ ପୁଣି ଥରେ ସୁନ୍ଦର କରିବାକୁ ଲାଗି ପଡ଼ିଲେ। ଗାଁର ଲୋକମାନେ ସହରକୁ ଯାଇ ଛୋଟ ଛୋଟ ଗଛ ଓ ଔଷଧ ଗଛ ଗୁଡ଼ିକ ଆଣି ଲଗାଇଲେ। ଜଳି ଯାଇଥିବ ଗଛ ଗୁଡ଼ିକ ସଫା କଲେ। ତାପରେ ଝରଣା ଓ ଜଙ୍ଗଲ ସୁନ୍ଦର ହେବାକୁ ଲାଗିଲା।

*ଅଷ୍ଟମ ଶ୍ରେଣୀ ଛାତ୍ରୀ*

*ଶ୍ରୀ ଶ୍ରୀ ଜ୍ଞାନ ମନ୍ଦିର, ଲୀମସେର,*

## ନଦୀଟିଏ ହଜିଗଲା ପରେ !!

*ରତ୍ନକାନ୍ତି ମିଶ୍ର*



କେବେ ନଦୀମାନେ ପ୍ରଗଳ୍ଭା ଥିଲେ
ପ୍ରଲୁବ୍ଧ ଥିଲା ସମୟ ,
ତଟିନୀ ତଟରେ
ପ୍ରାଣ ପ୍ରତିଷ୍ଠା ହୋଇଥିଲା ସଭ୍ୟତାର
ଧାଉଁଥିଲା ନଦୀ
ପାହାଡ଼ ଖୋଲରୁ ସାଗର ବେଳା !

ନଦୀ ମାନେ ସ୍ୱତଃ ସଲୀଳା
କଳକଳ ଛଳଛଳ ,
କୂଳର ଜନପଦ ସବୁ ରୋମାଞ୍ଚିତ
ନଦୀର ସାନ୍ନିଧ୍ୟରେ ,
ପାଦପ ଠୁ ଜୀବ ଜଗତ
ଜାଙ୍ଗଲିକ ମହୁଆ ନିଶାରେ ଥିଲେ ଚୁର୍
ବିହଙ୍ଗମଙ୍କ କାକଳିରେ ଚଉଦିଗ ମୁଖର
ଜଙ୍ଗଲି ଫୁଲଙ୍କ ମହକରେ
ମତୁଆଲା ଡଙ୍ଗର,
ଧାଙ୍ଗିଡୀ ନାଚରେ ଆନମନା
ନିବିଡ ଅରଣ୍ୟ !

ଏବେ ନିଖୋଜ ନଈର ଜନ୍ମ ଜାତକ
ଇତିହାସର କବର ତଳେ,
ତ୍ରିବେଣୀ ସଙ୍ଗମରେ ସରସ୍ୱତୀ
ନିମଜ୍ଜିତ କେଉଁ ବାଲୁକା ରାଶିରେ !
ଗଙ୍ଗାର ଗହମ ରଙ୍ଗରେ
ଏକାକାର ଯମୁନାର ନୀଳ ତରଙ୍ଗ !
ଏଇଠି ଦିନେ ଗୁଞ୍ଜରିତ ହୋଇଥିଲା
ଆର୍ଯ୍ୟ ସନାତନ ଧର୍ମର ବେଦମନ୍ତ୍ର,
ଋଷି କଣ୍ଠର ପ୍ରଣବ ଓଁକାର ।

କେଉଁ ସିନ୍ଧୁନଦୀର ଅବବାହିକାରେ
ଗଢିଉଠିଥିଲା ହରପ୍ ?ପା ସଭ୍ୟତା,
ମାଟିର ଜଠର ଭିତରୁ ଆବିଷ୍କୃତ
ପ୍ରାଚୀନ ପରମ୍ପରା ,
ନାଗରିକ ଜୀବନର ଛନ୍ଦପାତ !
ସାବରମତୀ କୂଳରେ ଏବେ ଶୁଭୁନାହିଁ
ବନ୍ଦେ ମାତରଂ ନାରା,
ମୁକ୍ତିର ତେଜୋଦୀପ୍ତ ବାଣୀ ।
ନିରଞ୍ଜନା ତଟର
ବୋଧିଦ୍ରୁମ ତଳେ ଶୁଭୁନାହିଁ
ସାକ୍ୟସିଂହଙ୍କ ନିର୍ବାଣ ତତ୍ତ୍ୱ,
ଅହିଂସାର ମାର୍ମିକ ନିର୍ଯ୍ୟାସ ;
ଅଳକା କୂଳରେ ଶୁଭୁନାହିଁ
ସ୍ୱାଧୀନତାର ବୀଜମନ୍ତ୍ର !

*ଆଳି, କେନ୍ଦ୍ରାପଡା*

## ନଦୀ

*ଆଦ୍ୟାଶା ମହାପାତ୍ର*



ଆଜି ନଦୀର ନୀରବତାରେ
ଏ ଜାତିର ଅସ୍ମିତା ମୁହ୍ୟମାନ
ମହାନଦୀରେ ଜ୍ୟୋସ୍ନା ବିହାର
କବିର କଳ୍ପନା ପରି
ନିରୁତା ପ୍ରତ୍ୟୟମାନ
ବଣିଜ ତରୀଙ୍କ ଭଗ୍ନାବଶେଷ
କେବଳ ସ୍ମୃତିର ବାହକ !

ନଦୀ ଏବେ ନିଥର ପାଷାଣର
ବିଚୂର୍ଣ୍ଣ ବାଲୁକାରାଶି
ବ୍ୟଥିତ ପରାଣର ମୁକସାକ୍ଷୀ,
ନଦୀର ଛନ୍ଦହୀନ ଧାର
ମୁମୂର୍ଷୁ ସଭ୍ୟତାର ଭଗ୍ନ ବାରବାଟୀ ;
ସାଗର ସୈକତରେ ଶୂନ୍ୟ ପାଦଚିହ୍ନ
ବାଙ୍କି ମୁହାଣର ,
ସ୍ରୋତହୀନ ବାଲୁକା ପ୍ରାନ୍ତରେ
ନଦୀଟିଏ ମୌନ ଅବତାର !

ମୋ ଜାତିର ଇତିହାସ
ନଦୀ ସହ ହଜିଗଲା
କେଉଁ ତିମିର ଗର୍ଭରେ
ଗଙ୍ଗାରୁ ଗୋଦାବରୀ
ଅବା କୃଷ୍ଣା କାବେରୀ ,
ସ୍ମୃତିଚିହ୍ନ ବିସ୍ମୃତିର ଅମା ଅନ୍ଧାରେ
ବୁଢାବଳଙ୍ଗରୁ ଋଷିକୂଲ୍ୟା
ବୈତରଣୀରୁ ବ୍ରାହ୍ମଣୀ
ଇବ୍,କୋଲାବ, ମହାନଦୀ
ଦୟା,ଭାର୍ଗବୀ,କାଠଯୋଡି,ପ୍ରାଚୀ
ଜଳହୀନ ଶୁଷ୍କ ନଈପଠା !
ଏଇବୋଧେ ଉପହାସ
ଆମ ସ୍ୱାଭିମାନ ପ୍ରତି
ଅବା କ୍ଷୟିଷ୍ଣୁ ସମାଜିକ ଜୀବନର,
ପ୍ରଶ୍ନଟିଏ ପ୍ରତିଧ୍ୱନିତ ହେଉଥିବ
କେବେ ଉଚ୍ଚାରିତ ହୋଇଥିଲା
ଏ ମାଟିରେ
ମଙ୍ଗଳ ଗୀତିକା
ହୋଇଥିଲା କେବେ
ଏ ଜାତିର ପ୍ରାଣ ପ୍ରତିଷ୍ଠା !!

ନୂଆପଡା, କଟକ

## ଜୀଇଁବାର ପରିଭାଷା

*ରାମଚନ୍ଦ୍ର ବେହେରା*



ଅସହିଷ୍ଣୁ ପଣ ସ୍ୱାର୍ଥନ୍ୱେସୀ ଗୁଣ
ଆଖି ଥାଇ କରେ ଅନ୍ଧ
ଧର୍ମ ଦୁନିଆଁରେ ଘୃଣିତ ସେ ଜନ
ଯେ ପାଂଚଇ ପର ମନ୍ଦ
ସେଇ ଗର୍ବ ଅହଂକାର
ଧ୍ୱଂସ କରିଥାଏ ସମ୍ପର୍କ ସେତୁକୁ
ଆତ୍ମୀୟ ହୁଅନ୍ତି ପର।
ଧନର ଲାଳସା କ୍ଷମତାର ଆଶା
ପଛେ ଯେଉଁ ନର ଧାଏଁ
ଯେତେ ଶିକ୍ଷା ଥିଲେ ସଂସ୍କାର ନଥିଲେ
ସଦା ଅପଯଶ ପାଏ
ଲାଗେ କଳଂକର ଚିହ୍ନ
ସମ୍ପର୍କ ବିହୁନେ ଅର୍ଥ ଓ କ୍ଷମତା
ଧିରେ ହୋଇଯାଏ ଲୀନ।
ସ୍ନେହ ମମତାର କୋମଳ ପରଶ
ତା'ପାଇଁ ହୁଅଇ ସ୍ୱପ୍ନ
ନୀରବତା ତାକୁ ଧିରେ ଘେରିଯାଏ
ଛଟପଟ ହୁଏ ପ୍ରାଣ
ଲୁଚିଯାଏ ମୁଖେ ହସ
ଜୀଇଁ ଥାଉଥାଉ ମରିଯାଏ ସିଏ
କେହି ନଆସନ୍ତି ପାଶ।
ସ୍ନେହ ଶ୍ରଦ୍ଧା ପ୍ରୀତି ଐଶ୍ୱରୀୟ ଭକ୍ତି
ହୃଦୟେ ହୋଇଲେ ଜାତ
ସ୍ୱାର୍ଥ ଅହଂକାର ଦଗ୍ଧିଭୂତ ହୁଏ
କାମନା ହୁଅଇ ଅନ୍ତ
ସୁଖ ଶାନ୍ତି ଆସେ ଫେରି
ସମ୍ପର୍କ ଯୋଡଇ ଝରିପଡେ ପୁଣି
ପ୍ରୀତି ପୀୟୂଷର ବାରି।

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୭୩୪୩୪୬

## ପଳାଶ

*ସୁଧାକର ରାଉତ*



ମନର ପଳାଶ ଫୁଲମାନେ
ହୋଇ ବୃନ୍ତଚ୍ୟୁତ
ନିଜକୁ ଖୋଜନ୍ତି ଭୂଇଁରେ ।
ଅଦିନେ ନିଦାଘର ଛୁଆଁ
ଦେହରେ,ମନରେ,ଆତ୍ମାରେ
ଲଗାଇଛି ଅଲିଭା ନିଆଁ ।
ମନେ ପଡୁଛି ଏବେ ସପନ ଭଳି
ମୃଦୁମନ୍ଦ ମଳୟର କିମିଆଁ ।
ଅଣଚାଶ ପବନ ବହେ
ବିଶ୍ୱାସରେ ଆଉ ନିଃଶ୍ୱାସରେ ।
ଭୂଲୁଣ୍ଠିତ ପଳାଶର ସୌନ୍ଦର୍ଯ୍ୟ
ମିଶିଛି ମାଟି ଆଉ ଆକାଶରେ ।
ଏତେ ଅନାକର୍ଷଣ ଆଉ ଅନାଗ୍ରହେ
ବଞ୍ଚିବ ବା କିଏ ।
ମଉଳିବାଟା ମୃତ୍ୟୁର ବିକଳ୍ପ
ଶୂନ୍ୟତାରେ ପରିସମାପ୍ତି
ବୋଧ ହୁଏ ନିଃଶେଷରେ ହିଁ
ଲାଭ ହେବ ପରିପୂର୍ଣ୍ଣତା ।

*ପ୍ରତାପ ନଗରୀ, କଟକ*

*ମୋ - ୮୨୪୯୯୩୨୭୯୨*

## ପ୍ରେମରେ ମୁଁ !

*ସୁରେନ୍ଦ୍ର ନାଥ ସାହୁ*



ଅଶେଷ କି
ବିଶେଷ ନୁହେଁ
ଅଟେ ଏକ ଭାଗଶେଷ।
ଅଭିଶାପିତ
ଅଙ୍କଟିଏ ପରି
ବଳି ଗଳି ପଡ଼ିଗଲି ତଳେ
ତଥାପି ଫେରୁନି
ଆଜିଯାଏଁ ହୋସ।
ଭାବିଥିଲି
ସିଏ ଥିଲେ ମୋ ସାଥିରେ
ପାଦରେ ଚାଲି ଚାଲି
ନାପି ଦେଇଥାନ୍ତି
ସାରା ଭୂମଣ୍ଡଳ
ଆଉ ଅନନ୍ତ ଆକାଶ।
ହେଲେ
ସିଏ ଚାଲି ଗଲା ପରେ
ମୁଁ ନରହି ଚାଲୁଛି ସତ
କିନ୍ତୁ ଚାଖଣ୍ଡେ ଆଗକୁ ବି
ଆଗେଇ ପିରୁନି
କେଜାଣି କେମିତି
ହେବ ମୋ ରାସ୍ତାର ଶେଷ।

କଳମ୍ବ (ଡିହସାହି)
ପୋଲସରା, ଗଞ୍ଜାମ

## ତୁମେ ଗଲାପରେ

*ରାହାସ କୁମାର ବେହୁରା*

ମନ ଅଗଣାରେ ରୂପସୀ ଚନ୍ଦ୍ରମା
ମୁରିକି ମୁରୁକି ହସୁଛି
ଭଲପାଏ ବୋଲି ଫୁଲଟିଏ ଧରି
ଫୁଲେଇ ଗେଲେଇ ହେଉଛି ॥
ତଥାପି ଅବୁଝା ବେଦନାକୁ ଚାପି
ତା'ପାଇଁ ଯେ ଘର ତଳୁଛି
ସଂଜହେଲେ ନିତି ତା' ଗୁଣ ବାହୁନି
ଜୀବନ ସଙ୍ଗୀତ ଗାଉଛି ॥
ବଂଚିବା ନାଆଁରେ ଲୁହ ପୋଛୁ ପୋଛୁ
କାଲି କଥା ଯେବେ ଭାବୁଛି
ଏକା ଏକା ବସି ବିଜନ ବେଳାରେ
ଅଜଣା କୋହରେ ମରୁଛି॥
ରଙ୍ଗ ତୁଳି ଧରି ସମୟ ସାଥିରେ
ରୂପ ତାର ଯେବେ ଆଙ୍କୁଛି
ସ୍ମୃତି ବିସ୍ମୃତିରେ ବିସ୍ମରି ଯାଇଣ
ନୀରବେ ଘଡ଼ିଏ ଚାହୁଁଛି ॥
ଆଜି ଯାହା ନୂଆ କାଲିକି ପୁରୁଣା
ଆବୁଝାରେ ବୁଝି ହେଉଛି
ଅକାଳ ସକାଳେ ମରମେ କରମେ
ତାପାଇଁ ଯାତନା ପାଉଛି ॥

*ବାଲ୍ୟମ୍ବା,ଭାପୁର*

# ଦିନୁ


ସୁଚରିତା ମହାନ୍ତି

ହାତରେ କଟୁରୀ ଧରି ଏପଟ ସେପଟ ହେଉଚି। ଥରକୁ ଲେଖା ଠିଆ ହେଇ ଭୁଡୁ ଭୁଡୁ କରି କ'ଣ ମେଞ୍ଚାଏ କହି ଯାଉଚି।କିଛି ବୁଝି ହେଉନଥାଏ।

ସଞ୍ଜ ନଇଁଲାଣି,ତରବର ହୋଇ ମୁଁ ବଗିଚାକୁ ଗଲି ଗଛରେ ପାଣି ଦେବାକୁ। ମୋତେ ଦେଖି ଟିକେ ହସିଦେଲା। ନାଁ ଟି ତା'ର ଦିନୁ।କାନକୁ ଭଲ ଶୁଭେ ନାହଁ, ଦୁର୍ବଳ ଚେହେରା।ନ ଖଟିଲେ ପେଟ ପୋଷିବ କେମିତି।ଅଧ ଦିନକୁ ଆସି ପଚାରେ ବାବୁ କିଛି କାମ ଅଛି।

ଯଦି କାମ ଥାଏ ତା'ହେଲେ ଘର ମାଲିକ ସରୋଜ ବାବୁ କହନ୍ତି,ହଁ ଅଛି।

ରହ କହୁଚି କ'ଣ କରିବୁ ।

ତା'ପରେ କାମ ବରାତି କଲେ ସେ ଯାଇ ତା' କାମରେ ଲାଗିପଡ଼ ?।ଯାହା କାମ ଦେଲେ ସବୁ କାମ ଖୁସିରେ କରିଦିଏ।

ଦୁଇ ପ୍ରହର ହେଲେ ଘରୁ ଆଣିଥିବା ଖାଦ୍ୟ ଖାଇ ଟିକିଏ ବସେ ପୁଣି କାମରେ ଲାଗିପଡ଼ ?। ଶୀତଦିନ ଶୀଘ୍ର ଶୀଘ୍ର ବେଳ ଗଡ଼ି ଯାଉଚି।

ସେ ଛାନିଆ ହେଉଥାଏ କାମ ସାରି ଘରକୁ ଯିବାପାଇଁ।

ମୁଁ ପଚାରିଲି,ତମ କାମ ସରିଗଲା କି ।

କହିଲା, ନା ବାବୁ କହିଛନ୍ତି ଗଲା ବେଳକୁ ଲେମ୍ବୁ ଗଛଟିକୁ କାଟି ବାହାରେ ଫୋପାଡ଼ି ଦେବୁ।ରହିଲେ ଅଜଥା ରେ ବଣ ହେବ। କଣ୍ଟାଝଟା ଏଠି ସେଠି ପଡ଼ି ଅଳିଆ ହେବ।

ହେଲେ,'ସେଇଟା କାଟିବାକୁ ମୋ ମନ ଜମା କହୁନି।

ଆଉ ବର୍ଷ ? କି ଦୁଇ ବର୍ଷ ରେ ଲେମ୍ବୁ ଧରିବ। ଭାରି ଉପକାରୀ ଗଛଟାକୁ ବାବୁ କାହିଁକି କାଟି ଦେବାକୁ କହୁଛନ୍ତି କେଜାଣି।

ମୋର ଇଛା ହେଉନାହିଁ ସେ ଗଛକୁ କାଟିବା ପାଇଁ। ସେଥିପାଇଁ କଟୁରୀ ଧରି ଏପଟ ସେପଟ ହେଉଚି।ବାବୁ ନାହିଁ କରି ଦିଅନ୍ତେ କି ।

ବିଚରା ଗରିବ ଲୋକଟି କାମ କରିବା କୁ ଆସିଚି।ସାହାସ ଜୁଟେଇ ଗଛଟିକୁ କାଟିବ ନାହିଁ ବୋଲି କହି ପାରୁନି କାଳେ ମାଲିକ ତା' ଉପରେ ବିରକ୍ତ ହେବେ ।

ଦିନୁ ସିନା ଦୁଇ ଅକ୍ଷର ପାଠ ପଢ଼ିନି ମୂର୍ଖ ଲୋକ ଟା, ହେଲେ ତା'ର ଅଳ୍ପ ବୁଦ୍ଧି ରେ ଅନେକ ଜ୍ଞାନ ଭରି ରହିଛି। ବୁଝିବା ଶକ୍ତି ଶିକ୍ଷିତ ଲୋକଙ୍କ ଠାରୁ ଢେର ବେଶି।

ଲେମ୍ବୁ ଗଛଟି ମଣିଷଙ୍କ ପାଇଁ ଭାରି ଉପକାରୀ ବୋଲି ସେ ଜାଣିପାରୁଛି ସେଥିପାଇଁ ତ..।

ତା' କଥା ଶୁଣି କହିଲି,ହଉ, ତମେ ଆଉଥରେ ବାବୁଙ୍କୁ ବୁଝେଇ କହିବ ଯାଅ।

ଯଦି ନ ମାନିଲେ କାଟିଦବ ଆଉ କିଛି ଉପାୟ ନାହିଁ।

ତାଙ୍କ ଗଛ, ତାଙ୍କ ଇଛା ପାଖରେ ଆମେବା ଆଉ କ'ଣ କରିପାରିବା କହିଲ।

ଦିନୁ କହିଲା, ହଁ ତା' ତ ସତ,ହଉ ଦେଖେ ବାବୁ କ'ଣ କହୁଛନ୍ତି।

ମୁଁ କହିଲି,ଗଛ ଯଦି କଥା କହି ପାରୁଥାନ୍ତା ମଣିଷ କ'ଣ ଯେତେବେଳେ ନାଇଁ ସେତେବେଳେ ମନ ଇଛା କାଟି ପକାଇ ପାରନ୍ତା।

ଦିନୁ କହିଲା,ହଁ ଆଜ୍ଞା।ଦେଖୁ ନାହାନ୍ତି ଦିନ କୁ ଦିନ ତାତି କେତେ ବଢୁଛି। ଆଉ କେଇଟା ବର୍ଷ ପରେ ଗଛଟିଏ ଦେଖିବାକୁ ମିଳିବନି। ଠିକ୍ ସମୟ ଅନୁସାରେ ଯାହା ହେବାକଥା ଆଉ ହେଉନାହିଁ।ମଣିଷ ନିଜ ଗୋଡ଼ରେ କୁରାଢ଼ି ମାରୁଛି।

ମୁଁ କହିଲି,ହଁ ମଣିଷ ନିଜ ସ୍ୱାର୍ଥ ହାସଲ କରିବା ନିଶାରେ ନିଜର କେତେ ଉପକାର କରୁଛି କି ଅପକାର କରୁଛି,ସେ କଥା ଯଦି ବୁଝି ପାରୁଥାନ୍ତା ,' ତା'ହେଲେ ଆଉ ତାକୁ ଦୁର୍ଦ୍ଦଶା ଭୋଗିବାକୁ ପଡୁ ନଥାନ୍ତା।

ହଉ ଛାଡ଼ ସେସବୁ। ଯେତେବେଳେ ଯାହା ହେବାକଥା ହେବ ।

ମୁଁ ଯାଏ କାମ ସାରେ।

ଦିନୁ ବାଡ଼ି ପଛ ପଟକୁ ଯାଇ ଯେତେକ ଶୁଖିଲା ପତ୍ର ଗୋଟେଇ ରଖିଥିଲା ସେଥିରେ ନିଆଁ ଲଗେଇ ଦେଲା।

ଫୁରୁଫୁରୁ ହୋଇ ସବୁ ଜଳିବାକୁ ଲାଗିଲା।

ଧୀରେ ଧୀରେ ଅନ୍ଧାର ଭିତରେ ସବୁକିଛି ଲୁଚି ଯିବାକୁ ବସିଲାଣି। ମୋତେ ଆଉ ଗଛ କଟା ଶବ୍ଦ ଶୁଭୁ ନଥାଏ।

ଭାବିଲି ଦିନୁ ଆଜି ଖୁସି ହୋଇ ଘରକୁ ଫେରିଥିବ।

ଗଛ ଗୁଡ଼ିକରେ ପାଣି ଦେଇ ମୁଁ ଘର ଭିତରକୁ ପଶି ଆସିଲି ।

*ବାରିପଦା, ମୟୂରଭଞ୍ଜ*

*୮୯୧୭୫୬୭୧୨୦୨*




# ସଂଗ୍ରାମୀ ଯୁବଛାତ୍ର ସଂଗଠନ ତରଫରୁ ଓଡ଼ିଶାରେ ବେରୋଜଗାର ସମସ୍ୟାର ସମାଧାନ ଶୀର୍ଷକ ଗୋଲଟେବୁଲ୍ ଆଲୋଚନାଚକ୍ର ଅନୁଷ୍ଠିତ



ଭୁବନେଶ୍ୱର (ପିଏନ୍): ସଂଗ୍ରାମୀ ଯୁବ ଛାତ୍ର ସଂଗଠନ ତରଫରୁ ଓଡ଼ିଶାରେ ବଢ଼ି ଚାଲିଥିବା ବେରୋଜଗାର ସମସ୍ୟାର ସମାଧାନ ଶୀର୍ଷକ ଏକ ଆଲୋଚନାଚକ୍ର ସଙ୍ଗଠନର ରାଜ୍ୟ ସଂଯୋଜକ ମୀର ଅହମ୍ମଦ ଅଲ୍ଲିଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ପୂର୍ବତନ ମନ୍ତ୍ରୀ ଓ ବିଧାୟକ, ସାମ୍ବାଦିକ, ସାମାଜିକ କର୍ମୀ, ସାମାଜିକ ସଙ୍ଗଠନର ସଦସ୍ୟ, ବୁଦ୍ଧିଜୀବୀ ପ୍ରମୁଖ ଭାଗ ନେଇ ବେରୋଜଗାର ସମସ୍ୟାର ସମାଧାନ ସମ୍ପର୍କରେ ତଥ୍ୟ ସମ୍ବଳିତ ପ୍ରସ୍ତାବଗୁଡ଼ିକ ଉପସ୍ଥାପନ କରିଥିଲେ। ସରକାର ଅବିଳମ୍ବେ ଖାଲି ପଡ଼ିଥିବା ପଦବୀର ପୂରଣ, ଚୁକ୍ତିଭିତ୍ତିକ ପଦବୀଗୁଡ଼ିକୁ ବାତିଲ କରି ସ୍ଥାୟୀ ନିଯୁକ୍ତି, ନିଯୁକ୍ତିକୈନ୍ଦ୍ରିକ ଶିଳ୍ପର ପ୍ରତିଷ୍ଠା, କୃଷି ଶିଳ୍ପରେ ରୋଜଗାର ସୃଷ୍ଟି, ଜଙ୍ଗଲ ଓ କୃଷିଜାତ ଦ୍ରବ୍ୟର ସୁଲଭ ବଜାର ବ୍ୟବସ୍ଥା, ପର୍ଯ୍ୟଟନ କ୍ଷେତ୍ରର ବିକାଶରେ ନିଯୁକ୍ତି ସମ୍ଭାବନା, କୁଟୀର ଶିଳ୍ପ, ଓଡ଼ିଶାର ସୁଦୀର୍ଘ ୪୮୦ କି.ମି. ବେଳାଭୂମିର ସୁଲାଭ ଉଠାଇ ପର୍ଯ୍ୟଟନ କ୍ଷେତ୍ରରେ ବ୍ୟାପକ ନିଯୁକ୍ତିର ସମ୍ଭାବନା, ସ୍ୱାସ୍ଥ୍ୟ, ଶିକ୍ଷା କ୍ଷେତ୍ରରେ ଖାଲି ପଡ଼ିଥିବା ପଦବୀରେ ତୁରନ୍ତ ନିଯୁକ୍ତି, ନିଯୁକ୍ତିଭିତ୍ତିକ ଶିକ୍ଷା ପ୍ରଦାନ ପ୍ରମୁଖ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା ଓ ସରକାର ଏଥିପ୍ରତି ଦୃଢ଼ମନା ଓ ଆନ୍ତରିକତା ଭାବ ଦେଖାଇଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ଉପସ୍ଥିତ ଅଂଶଗ୍ରହଣକାରୀମାନେ ମତବ୍ୟକ୍ତ କରିଥିଲେ।

ଏହି ଆଲୋଚନାଚକ୍ରରେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ନାରାୟଣ ରେଡ୍ଡୀ, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ବରିଷ୍ଠ ସ୍ତମ୍ଭକାର ଅମୀୟ ପାଣ୍ଡବ, କଂଗ୍ରେସ ମୁଖପାତ୍ର ବିସ୍ମୟ ମହାପାତ୍ର, ବରିଷ୍ଠ ସାମ୍ବାଦିକ ରବି ଦାସ, କେଦାର ମିଶ୍ର, ସତୀଶ ମିଶ୍ର, ଶ୍ରମିକ ନେତା ମହେନ୍ଦ୍ର ପରିଡ଼ା, ସମାଜବାଦୀ ପାର୍ଟିର ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ଓଡ଼ିଶା ଅଭିଭାବକ ମହାସଂଘର ସଭାପତି ବାସୁଦେବ ଭଟ୍ଟ, ଆର୍.ପି.ଆଇ. ଓଡ଼ିଶା ରାଜ୍ୟ ଅଧ୍ୟକ୍ଷ ଶେଖ ଅବଦୁଲ ୱାଲି, ଏ.ଆଇ.ଏସ୍.ଏଫ୍.ର ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା, ସଂଗ୍ରାମୀ ଯୁବଛାତ୍ର ସଂଗଠନର ରାଜ୍ୟ ସହସଂଯୋଜକ ମାନସ ରଞ୍ଜନ ସାହୁ, ସଞ୍ଜିତା ମହାପାତ୍ର, ଅଂଶୁମାନ ଦାସ, ସାମାଜିକ କର୍ମୀ ନୀରଦ ଖୁଣ୍ଟିଆ, ବିନ୍ଦୁଜା ଉପାଧ୍ୟାୟ, ସିଦ୍ଧାର୍ଥ ରଞ୍ଜନ, ଦିଲ୍ଲୀପ ବିଶ୍ୱାଳ ଓ ଜଗନ୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ନୂତନ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ନିଯୁକ୍ତିରେ ବିଳମ୍ବ

ଖୋର୍ଦ୍ଧା (ପିଏନ୍)-ଖୋର୍ଦ୍ଧା ଜିଲ୍ଲାରେ କାର୍ଯ୍ୟରତ ଆଂଚଳିକ ସାଧନ କେନ୍ଦ୍ରର ସଂଯୋଜକଙ୍କର କାର୍ଯ୍ୟକାଳ ପାଂଚବର୍ଷ ପୂର୍ଣ୍ଣ ହୋଇଯାଇଥିବା ବେଳେ ତାଙ୍କ ସ୍ଥାନରେ ନୂତନ ଭାବେ ସାଧନ କର୍ମୀ ନିଯୁକ୍ତିରେ ଅହେତୁକ ବିଳମ୍ବ ଘଟୁଛି। ସରକାରୀ ନିୟମ ଅନୁସାରେ ସାଧନ କେନ୍ଦ୍ର ସଂଯୋଜକଙ୍କ କାର୍ଯ୍ୟକାଳ ପାଂଚ ବର୍ଷ ସ୍ଥିରିକୃତ ହୋଇଥିଲେ ମଧ୍ୟ ପ୍ରଶାସନ ନିୟମକୁ ଖୋଲାଖୋଲି ନିୟମ ଉଲଂଘନ କରୁଥିବାର ଦେଖାଯାଇଛି । ପୁରାତନ ସିଆରସିସିଙ୍କ କାର୍ଯ୍ୟକାଳ ପାଂଚ ମାସରୁ ଉର୍ଦ୍ଧ୍ୱ ବିତି ଯାଇଥିଲେ ଅବ୍ୟାହତି ନ ଦେଇ ନୂତନ ସାଧନ କେନ୍ଦ୍ର କର୍ମୀଙ୍କ ନିଯୁକ୍ତିକୁ ଦୁଇ ମାସ ହେବ ଭିଜନ ଟେଷ୍ଟ କରାଯାଇଛି। ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ପୁରାତନ ସାଧନ କର୍ମୀଙ୍କ ଅବ୍ୟାହତିର ଅହେତୁକ ବିଳମ୍ବ ଘଟିବାର କାରଣ କ'ଣ ରହିଛି ତାହା ସ୍ପଷ୍ଟ ଭାବେ ଜଣାପଡୁନାହିଁ।

# ‘ଶୋଭା’ର ସପ୍ତମ ବାର୍ଷିକ ଉତ୍ସବରେ ନାଟକ ‘ବିଷକୁମ୍ଭ’



ବାଲେଶ୍ୱର (ପିଏନ୍): ଦୀର୍ଘ ଦୁଇବର୍ଷ ପରେ ବାଲେଶ୍ୱରର ଏକମାତ୍ର ପ୍ରେକ୍ଷାଳୟ ଓ.ଟି.ରୋଡ଼ସ୍ଥିତ ଗାନ୍ଧିସ୍ମୃତିଭବନରେ ବିଶିଷ୍ଟ ନାଟ୍ୟକାର ଡକ୍ଟର ପ୍ରଦୀପ ଭୌମିକଙ୍କ ରଚିତ ଏବଂ ଅର୍ଣ୍ଣବ କରଙ୍କ ନିର୍ଦ୍ଦେଶିତ ନାଟକ ‘ବିଷକୁମ୍ଭ’ ନାଟ୍ୟାନୁଷ୍ଠାନ ‘ଶୋଭା’ର ସପ୍ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ସଫଳତାର ସହ ମଞ୍ଚସ୍ଥ ହୋଇଯାଇଛି। ଏହି ସାଂସ୍କୃତିକ ସନ୍ଧ୍ୟାକୁ ‘ଶୋଭା’ର ସଭାପତି ସିଦ୍ଧାର୍ଥ ସାରଥୀ ଦାସଙ୍କ ଅଧ୍ୟକ୍ଷତାରେ ପ୍ରାଧ୍ୟାପକ ରାଜେନ୍ଦ୍ର କିଶୋର ରାୟ, ପ୍ରସିଦ୍ଧ ଗୀତିକାର ରମାକାନ୍ତ ଦାସ (ଆକାଶବାଣୀ) ଏବଂ କବି-ନାଟ୍ୟକାର ଶ୍ରୀଦେବଙ୍କ ବକ୍ତବ୍ୟରେ ନାଟକ ଯୁଗଯୁଗଧରି ସମାଜକୁ ଦିଗ୍‌ଦର୍ଶନ ଦେଇଆସିଛି, ଭଲ ନାଟକ ସାମାଜିକ ଜୀବନରେ ସକାରାତ୍ମକ ରାହା, ମାନବ ଜାତିର ଚେତନା ସଂବୃଦ୍ଧି କରାଇଥାଏ ବୋଲି ଅତିଥିଗଣ ନିଜନିଜର ଅଭିବ୍ୟକ୍ତି ରଖିଥିଲେ। ଏହି ଅବକାଶରେ ଓଡ଼ିଶାର ବିଶିଷ୍ଟ ନାଟ୍ୟକାର ନିର୍ଦ୍ଦେଶକ ଅଭିନେତା, ସଂଗୀତ-ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଭାସ୍କର ଚନ୍ଦ୍ର ମହାପାତ୍ରଙ୍କୁ ତାଙ୍କର ସାମଗ୍ରିକ ସାରସ୍ୱତ ସଫଳତା ପାଇଁ ‘ଶୋଭା’ ତରଫରୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ସମାବର୍ତ୍ତନ ଉତ୍ସବରେ ଅଜୟ ଆଚାର୍ଯ୍ୟଙ୍କ ଦ୍ୱାରା ଅତିଥିଆବାହନ କରାଯାଇଥିଲାବେଳେ ‘ଶୋଭା’ର ସଂପାଦକ ଆଶିଷ ବର୍ଦ୍ଧନ ସଂପାଦକୀୟ ବିବରଣୀ ପାଠ କରିଥିଲେ। ପରିଶେଷରେ ସଦସ୍ୟା ମାମା ମିଶ୍ରଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା। ରକ୍ଷଣଶୀଳ ପରିବାରର ପୁଅ ‘କାହ୍ନୁ’ ଜୀବନର ଝଡ଼ଝଞ୍ଜା, ଉତ୍‌ଥାନ ପତନର ସାମନା କରି ଜୀବନଯାତ୍ରାରେ ଥକି ନ ପଡ଼ି ମାର୍ଗଦର୍ଶିକା ପାଲଟିଯିବା ନାଟକ ‘ବିଷକୁମ୍ଭ’ରେ ଏହି ସାମାଜିକ ପ୍ରତିଫଳନକୁ ଅଭିନେତା ଆଶିଷ, ମଦନ, ଶୁଭଙ୍କର, ଅର୍ଣ୍ଣବ, ଲକ୍ଷ୍ମୀ, ଅନନ୍ତ, ବୁଲୁ, ଶିଶୁକଳାକାର ନିହାର, ପୁନମ୍ ଏବଂ ଅଭିନେତ୍ରୀ ସୁସ୍ମିତା ରଣାଙ୍କ ଜୀବନ୍ତ ଅଭିନୟକୁ ଦର୍ଶକମାନେ ଉପଭୋଗ କରିଥିଲେ।

## ବରିଷ୍ଠ ନାଗରିକ ସଂଘ ଓ ରୋଟାରୀ କ୍ଲବର ମିଳିତ ଆନୁକୂଲ୍ୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଯାଜପୁର (ପିଏନ୍): ବରିଷ୍ଠ ନାଗରିକ ସଂଘ ଏବଂ ରୋଟାରୀ କ୍ଲବ ଯାଜପୁରର ମିଳିତ ଆନୁକୂଲ୍ୟରେ ଏ.ବି. ହାଇସ୍କୁଲ ଅକରପଡ଼ା ଓ ଆର.କେ. ହାଇସ୍କୁଲ, ଭେଲଙ୍ଗ ବିଦ୍ୟାଳୟ ପରିସରରେ ଚଳିତ ମାସ ୧୬ ତାରିଖ ଶୁକ୍ରବାର ଦିନ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ବିଦ୍ୟାଳୟ ପରିସର ସବୁଜିମା କରିବା ନିମନ୍ତେ ବହୁ ମୂଲ୍ୟବାନ ବୃକ୍ଷରୋପଣ କରାଯାଇଥିଲା। ପ୍ରତ୍ୟେକ ବୃକ୍ଷର ରକ୍ଷଣାବେକ୍ଷଣ ନିମନ୍ତେ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ରୋଟାରୀ କ୍ଲବର ସଭାପତି ସୁବାସ ଚନ୍ଦ୍ର ମହାପାତ୍ର ବରିଷ୍ଠ ନାରଗିକ ସଂଘର ସଂପାଦକ ପ୍ରବୋଧ କୁମାର ନାୟକ, ଡା. ରାଜକିଶୋର ପଣ୍ଡା, ବିବେକାନନ୍ଦ ବିଶ୍ୱାଳ, ଉଦୟ ନାରାୟଣ ପରିଡ଼ା, ଗୋପିନାଥ ସେଠୀ, ଧନଞ୍ଜୟ କେଶରୀ ରାଉତ, ବୃନ୍ଦାବନ ମିଶ୍ର, ମଧୁସୂଦନ ମହାନ୍ତି, ପ୍ରଶାନ୍ତ କୁମାର ନାୟକ ଓ ବ୍ରହ୍ମାନନ୍ଦ ସ୍ୱାଇଁ ପ୍ରମୁଖ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସହଯୋଗ କରି ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

# ବିଭିନ୍ନ ଦୁର୍ନୀତି ଅଭିଯୋଗରେ ସଦର ବ୍ଲକ ଘେରାଓ

ବାଲେଶ୍ୱର (ପିଏନ୍)- ବାଲେଶ୍ୱର ସଦର ବ୍ଲକରେ ଦୀର୍ଘଦିନ ଧରି ଚାଲି ଆସୁଥିବା ଭ୍ରଷ୍ଟାଚାର ଓ ଦୁର୍ନୀତି ପ୍ରତିବାଦରେ ତଥା ସାଧାରଣ ଜନତାଙ୍କ ହକରେ ବାଧକ ସାଜିଥିବା ଧୃତରାଷ୍ଟ୍ର ସଦୃଶ୍ୟ ପ୍ରଶାସନ ବିରୁଦ୍ଧରେ ଭାରତୀୟ ଜନତା ପାର୍ଟି ସଦର ବ୍ଲକ ତରଫରୁ ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ତଥା ସଦର ନେତା ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ହଜାର ହଜାର ଜନସାଧାରଣ ବ୍ଲକ ଘେରାଓ ଡାକରା ଦେଇଥିଲେ। ବରିଷ୍ଠ ନେତା ରବିନାରାୟଣ ମହାପାତ୍ର ଓ ଗୌରାଙ୍ଗ ଦାସ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆୟୋଜିତ ସଭାରେ ସମସ୍ତ ମଣ୍ଡଳର ସଭାପତି, ପ୍ରଭାରୀ, ଜିଲ୍ଲା ପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟ, ମଣ୍ଡଳର ସାଧାରଣ ସମ୍ପାଦକ, ପଞ୍ଚାୟତ ସଭାପତି, ବିଭିନ୍ନ ମୋର୍ଚ୍ଚାର ମୁଖ୍ୟ ତଥା ମୁଖ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସଦର ବ୍ଲକରେ ଦୀର୍ଘଦିନ ଧରି ପ୍ରଶାସନ ଓ ଶାସକ ଦଳର ସଲାସୁତୁରାରେ କିଭଳି କାମ ନ କରି ଲକ୍ଷ ଲକ୍ଷ ଟଙ୍କାର ବିଲ ହଡପ ହେଉଛି, ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନଦେଇ ଅଯୋଗ୍ୟଙ୍କୁ ପ୍ରଦାନ କରାଯାଉଛି, ଦୀର୍ଘଦିନ ଧରି ପ୍ରକଳ୍ପ ସରିବା ପରେ ମଧ୍ୟ ବିଲ ପ୍ରଦାନରେ ଜାଣିଶୁଣି ବିଳମ୍ବ କରିବା, ଏଫ.ଡି.ଆର.ରେ ବନ୍ୟା କ୍ଷତିଗ୍ରସ୍ତ ରାସ୍ତାକୁ ସାମିଲ ନକରି ଶାସକଦଳର କଥାରେ ପକ୍କା ରାସ୍ତାକୁ ସାମିଲ କରିବା, ବୟସ୍କ ଓ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ନଦେଇ ଧନୀ ଓ ଅଯୋଗ୍ୟ ଲୋକଙ୍କୁ ଭତ୍ତା ପ୍ରଦାନ କରିବା, ବିଶେଷ କରି ବିଡିଓ ମହୋଦୟ ବିରୋଧିଦଳ ପ୍ରତି ବର୍ଷ ବର୍ଷ ଧରି ପାତର ଅନ୍ତର କରିବା ସଂପର୍କରେ ବକ୍ତବ୍ୟ ରଖିବା ସହ ଏକ ୭ ଦଫା ଦାବୀ ନେଇ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବ୍ଲକ ଘେରାଓ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଉକ୍ତ ୭ ଦଫା ଦାବୀ ମଧ୍ୟରେ ଏଫ.ଡି.ଆର ପ୍ରକଳ୍ପଗୁଡିକ ନିରପେକ୍ଷ ତଦନ୍ତ କରି ଚୁଡାନ୍ତ ତାଲିକାରେ ସାମିଲ କରିବା, ଦୀର୍ଘଦିନ ଧରି ସଂପୂର୍ଣ୍ଣ ହୋଇଥିବା ପ୍ରକଳ୍ପ ଗୁଡିକର ବିଲକୁ ଉଦ୍ଦେଶ୍ୟମୂଳକ ଭାବେ ବିଳମ୍ବ ନକରି ଶୀଘ୍ର ପ୍ରଦାନ କରିବା, ୫-ଟିରେ ସାମିଲ ସ୍କୁଲକୁ ବିନା ସରକାରୀ ନିର୍ଦ୍ଦେଶରେ ସରପଞ୍ଚ ମାନଙ୍କୁ ପଞ୍ଚାୟତ ପାଣ୍ଠିରୁ ପ୍ରଦାନ କରିବାକୁ ବାଧ ନକରିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ଆବେଦନ କରିଥିବା ହିତାଧିକାରୀଙ୍କୁ ତୁରନ୍ତ ତଦନ୍ତ କରି ଚୂଡାନ୍ତ ତାଲିକା ପ୍ରସ୍ତୁତ କରିବା, ଭତ୍ତା ବିଭାଗର ଦାୟିତ୍ୱରେ ଥିବା ଅଧିକାରୀ ତୁରନ୍ତ ଯୋଗ୍ୟ ହିତାଧିକାରଙ୍କୁ ଭତ୍ତା ପ୍ରଦାନ କରିବା, ସୂଚନା ଅଧିକାର ଆଇନ ସମ୍ପର୍କିତ ତଥ୍ୟାବଳୀକୁ ଆବେଦନକାରୀଙ୍କୁ ପ୍ରଦାନ କରିବାରେ ଜାଣିଶୁଣି ବିଳମ୍ବ ନକରି ୩୦ ଦିନ ମଧ୍ୟରେ ପ୍ରଦାନ କରିବା, ବିଜେପି ଦଳର ନିର୍ବାଚିତ ଜନପ୍ରତିନିଧି ମାନଙ୍କୁ ବିଡିଓ ମହୋଦୟ ଅସୂୟା ମନୋଭାବ ଓ ପାତର ଅନ୍ତର ନକରି ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ପାଇଁ ଦାବୀ କରିଥିଲେ। ପରିଶେଷରେ ଅତିରିକ୍ତ ଜିଲ୍ଲାପାଳ ସଭାସ୍ଥଳକୁ ଆସି ଦାବୀପତ୍ର ଗ୍ରହଣ କରିବା ସହ ୧୦ ଦିନ ମଧ୍ୟରେ ଉକ୍ତ ୭ ଦଫା ଦାବୀଗୁଡିକ ପୂରଣ କରିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ପରେ ପ୍ରତିଶ୍ରୁତିକୁ ସମ୍ମାନ ଜଣାଇ ଆନ୍ଦୋଳନକୁ ଭଙ୍ଗ କରାଯାଇଥିଲା।

## ବସ୍ତାରେ ହାତୀ ଆତଙ୍କ, ବନ ବିଭାଗ ବେଫିକର

ବାଲେଶ୍ୱର (ପିଏନ୍)-ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଲଛମନଖୁଣ୍ଟା ଅଞ୍ଚଳରେ ଏକ ଦନ୍ତା ହାତୀ ବାରମ୍ବାର ଉପଦ୍ରବ କରୁଛି। ଏ ନେଇ ଗ୍ରାମବାସୀ ଜିଲ୍ଲାପାଳ ଓ ଡିଏଫଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମାତ୍ର କେହି ଶୁଣୁନାହାନ୍ତି। ଗତ ବୁଧବାର ରାତିରେ ଏହି ହାତୀଟି ଲଛମନଖୁଣ୍ଟାର କାରାସାହିକୁ ଯାଇ ବୁଧୁନି ସିଂଙ୍କ ଘର ଭାଙ୍ଗିଥିବା ଦେଖିବାକୁ ମିଳିଛି। ଘରର ଆସବାବପତ୍ର ଓ ଧାନଚାଉଳ ସବୁ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ପୂର୍ବରୁ ହାତୀଟି ୧୦ରୁ ଉର୍ଦ୍ଧ୍ୱ ଘର ଭାଙ୍ଗି ଦେଇଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ବନବିଭାଗ ପକ୍ଷରୁ ହାତୀଟିକୁ ଗାଁରୁ ଘଉଡ଼ାଇବା ପାଇଁ ବିଫଳ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ହାତୀଟି ବାଲେଶ୍ୱର ଓ ମୟୁରଭଞ୍ଜ ସୀମାର ଜଙ୍ଗଲ ମଧ୍ୟରେ ରହୁଥିବା ଜଣାପଡ଼ିଛି। ଅଧିକାଂଶ ହାତୀ ମୟୁରଭଞ୍ଜ ପଟୁ ଏହି ଗାଁକୁ ପଶି ବ୍ୟାପକ କ୍ଷୟକ୍ଷତି କରୁଥିବାରୁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାପାଇଁ ଦାବି ହେଉଛି। ରାତିରେ ବନ ବିଭାଗକୁ ଖବର ଦେଲେ ବିଭାଗୀୟ ଅଧିକାରୀ ହାତୀ ଘଉଡ଼ାଇବା ପାଇଁ ଅନିଚ୍ଛା ପ୍ରକାଶ କରୁଛନ୍ତି। ସାତ ମାସ ଧରି ରୂପସା ଅଞ୍ଚଳକୁ ହାତୀ ପଶି କ୍ଷୟକ୍ଷତି କରୁଥିଲେ ମଧ୍ୟ ଏହାର ସ୍ଥାୟୀ ପ୍ରତିକାର ପାଇଁ ବନ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ପ୍ରଶାସନ ପକ୍ଷରୁ ଏ ପର୍ଯ୍ୟନ୍ତ ଭାଙ୍ଗିଥିବା ଘରର ତଦନ୍ତ କରାଯାଉ ନ ଥିବା କାରଣରୁ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ସମସ୍ୟାର ସମାଧାନ ନ ହେଲେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ବର୍ଷକର ଖୁରିଙ୍ଗ ଛୁଆ ଉଦ୍ଧାର

ଦର୍ପଣ (ପିଏନ)-ଗତ ଗୁରୁବାର ବାରୁଣାବନ୍ତ ପର୍ବତ ମଧ୍ୟଭାଗର ଏକ ଜଙ୍ଗଲରୁ ଏକ ଖୁରିଙ୍ଗ ଛୁଆ ଉଦ୍ଧାର ହୋଇଛି। ଖୁରିଙ୍ଗଟି ନିକଟରେ ଥିବା ଏକ ବୁଦା ଗଛରେ ପଶିଯାଇ ବାହାରିପାରୁ ନ ଥିଲା। ସେହିବାଟେ ସକାଳ ଭ୍ରମଣ କରିବାକୁ ଯାଇଥିବା ସ୍ୱେଚ୍ଛାସେବୀ ସନ୍ତୋଷ କୁମାର ବିଶ୍ୱାଳ ଖୁରିଙ୍ଗଟିର ଚିତ୍କାର ଶୁଣି ତାକୁ ଗଛରେ ଛନ୍ଦି ହୋଇଥିବା ଦେଖିବାକୁ ପାଇଥିଲେ। ସାହସର ସହିତ ଖୁରିଙ୍ଗଟିକୁ ସେ ସେଠାରୁ ବାହାର କରି ନିଜ ଘରେ ତା'ର ପ୍ରାଥମିକ ଚିକିତ୍ସା କରି ନିକଟସ୍ଥ ବନପାଳ ଶଶିକଣ୍ଠ ବେହେରାଙ୍କୁ ଖବର ଦେଇଥିଲେ। ପରେ ବନବିଭାଗର କର୍ମଚାରୀମାନେ ସେଠାରେ ପହଂଚି ତାକୁ ନେଇ ନିକଟସ୍ଥ ଜଙ୍ଗଲରେ ଛାଡିଦେଇଥିଲେ।

## ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ରକ୍ତଦାନ ଶିବିର

ଧର୍ମଶାଳା (ପିଏନ୍): ଧର୍ମଶାଳା ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଜାରକାସ୍ଥିତ ଦଳୀୟ କାର୍ଯ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ବାବୁଲି ରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶତାଧିକ ବିଜେପି କର୍ମୀ ଯୋଗଦାନ କରି ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। କଟକ ରେଡକ୍ରସ ନେତୃତ୍ୱରେ ଏକ ଟିମ ଏହି ରକ୍ତ ସଂଗ୍ରହ କରିଥିଲା। ଏହି ଶିବିରରେ ୩୯୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ଧର୍ମଶାଳା ନିର୍ବାଚନମଣ୍ଡଳୀ ବିଜେପି ନେତ୍ରୀ ସ୍ମୃତିରେଖା ପହି ଏହି ଶିବରକୁ ଉଦ୍‌ଘାଟନ କରିବା ସହିତ ନିଜେ ରକ୍ତଦାନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ରକ୍ତଦାନ ଶିବିରରେ ବନମାଳୀ ରାଉତ, ଜିଲ୍ଲା ଉପସଭାପତି ବିଭୁତି ଭୁଷଣ ଜେନା, ନିର୍ବାଚନମଣ୍ଡଳି ସଂଯୋଜକ ଆର୍ତବନ୍ଧୁ ପୃଷ୍ଟି, ରାଜ୍ୟ ପରିଷଦ ସଦସ୍ୟ ବିଶ୍ୱନାଥ ପଣ୍ଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର +୨ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଦର୍ପଣ (ପିଏନ )-ଚଣ୍ଡିଖୋଲ ସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର +୨ ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଗତ ଗୁରୁବାର ମହାବିଦ୍ୟାଳୟର ନବମାଳତୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ସମ୍ବର୍ଦ୍ଧନା ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ମନୋଜ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ନବାଗତ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶୃଙ୍ଖଳାଜ୍ଞାନ, ଆଚରଣ ଉଚ୍ଚାରଣ, ସମୟାନୁବର୍ତ୍ତିତା ଓ କର୍ତବ୍ୟନିଷ୍ଠ ହେବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ଅଧକ୍ଷ ଡକ୍ଟର ଦାସ ଉପଦେଶ ଦେଇଥିଲେ। ଏଥିରେ କ୍ୟାରିଅର କାଉନସେଲିଂର ସଂଯୋଜକ ଅଧ୍ୟାପକ ଡକ୍ଟର ପ୍ରମୋଦ କୁମାର ଦାସ, ଅଧ୍ୟାପକ ଦୋଳଗୋବିନ୍ଦ ଦାସ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାନୁଷ୍ଠାନର ନିୟମକାନୁନ ଓ ପରମ୍ପରାକୁ ମାନିନେବାକୁ ପରାମର୍ଶ ଦେଇଥିଲେ। ଏଥିରେ ଯୋଗଦେଇଥିବା ନବାଗତ ଛାତ୍ରଛାତ୍ରୀମାନେ ସେମାନଙ୍କର ନୂତନ ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରିବା ସହିତ ଛାତ୍ର ଜୀବନରେ ଗୁରୁଶିଷ୍ୟମାନଙ୍କ ମଧ୍ୟରେ ଯେଉଁ ସମ୍ପର୍କ ରହିବା କଥା ସେସବୁକୁ ଆମେ ଗ୍ରହଣ କରି ମହାବିଦ୍ୟାଳୟର ସୁନାମ ରଖିବା ପାଇଁ ଚେଷ୍ଟା କରିବୁ ବୋଲି ପ୍ରକାଶ କରିଥିଲେ।

## ଭାରତ ବନ୍ଦର ମଜଦୁର ସଂଘ ପରିସରରେ ଦେବଶିଳ୍ପୀ ବିଶ୍ୱକର୍ମା ପୂଜା

ପାରାଦୀପ (ପିଏନ)-ପାରାଦୀପ ବନ୍ଦରର ପ୍ରମୁଖ ଶ୍ରମିକ ସଂଗଠନ ଭାରତ ବନ୍ଦର ମଜଦୁର ସଂଘର ନୂଆବଜାରସ୍ଥିତ କାର୍ଯ୍ୟାଳୟ ପରିସରରେ ଚଳିତ ବର୍ଷର ବିଶ୍ୱକର୍ମା ପୂଜା ଆୟୋଜିତ ହୋଇଥିଲା। ସଂଘର ପାରାଦୀପ ଶାଖା ସଭାପତି ଶ୍ରମିକ ନେତା ରାକେଶ କୁମାର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦେବଶିଳ୍ପୀଙ୍କର ଏହି ପୂଜା ଉତ୍ସବ ଯଥାରିତି ଓ ନିତିର ସହିତ ପାଳନ କରାଯାଇଥିଲା। ଦେଶର ସର୍ବପୁରାତନ ଶ୍ରମିକ ସଂଗଠନର ଦେଶର ବିଭିନ୍ନ ସ୍ଥାନରେ ସୁନାମ ରହିଛି। ପ୍ରତିଷ୍ଠାର ୧୦୦ ବର୍ଷ ପୂରଣ କରି ସାରିଥିବା ଏହି ଶ୍ରମିକ ସଂଗଠନର ପାରାଦୀପରେ ବେଶ ଦବ୍‌ଦବା ରହିଛି। କୋଭିଡ୍ କଟକଣା ସମୟରେ ବି ଦେବଶିଳ୍ପୀଙ୍କର ପୂଜା ନିରାଡମ୍ବର ଭାବେ ପାଳିତ ହୋଇଥିଲା। ଚଳିତ ବର୍ଷ ପାରାଦୀପରେ ଆଉ ସୁଉଚ୍ଚ ତୋରଣ ସହିତ ପୂଜା ହେଉ ନଥିବା ବେଳେ ଶ୍ରମିକ ସଂଗଠନ ପରିସରରେ ବିଶ୍ୱକର୍ମାଙ୍କର ପୂଜା ସମ୍ପନ୍ନ କରିବାକୁ ଭୁଲି ନାହାନ୍ତି ସଭାପତି ଶ୍ରୀ ପଟ୍ଟନାୟକ, ସାଧାରଣ ସମ୍ପାଦକ ଶ୍ରୀକାନ୍ତ ରାୟ ଓ ଅନ୍ୟ କର୍ମକର୍ତାମାନେ। ଏହି ଅବସରରେ ବନ୍ଦର ସେବାରୁ ଅବସର ଗ୍ରହଣ କରିଥିବା ୧୦ ଜଣ ବନ୍ଦର କର୍ମଚାରୀମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ଲକ୍ଷ୍ମୀନାରାୟଣ ହାଇସ୍କୁଲର ପୁରାତନ ଛାତ୍ରଛାତ୍ରୀମାନଙ୍କ ବନ୍ଧୁ ମିଳନ

ଯାଜପୁର (ପିଏନ୍): ଯାଜପୁର ବ୍ଲକ ଚିତାହଟାରେ ଅବସ୍ଥିତ ଲକ୍ଷ୍ମୀନାରାୟଣ ହାଇସ୍କୁଲ ପରିସରରେ ୨୦୦୮ ବ୍ୟାଚର ପୁରାତନ ଛାତ୍ରଛାତ୍ରୀମାନେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନିମନ୍ତ୍ରଣ କରି ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଗୁରୁଜୀ ନିରଂଜନ ଦାସ, ପ୍ରଫୁଲ୍ଲ ଦାସ, ସୁରେଶ ଚନ୍ଦ୍ର ବଭି, ନିରଂଜନ ବାରିକ, ସରୋଜ କୁମର ସେଠି, ଅନନ୍ତ ଓଝା, ଅଶୋକ ରାଉତ, ବ୍ରହ୍ମାନନ୍ଦ ପହି, ଶଙ୍କର୍ଷଣ ସାହୁ, ସଦାନନ୍ଦ ପାଢ଼ୀ, ପ୍ରଗତି ଦୀକ୍ଷିତ, ରଙ୍ଗାଧର ସାର ଓ ପୁରାତନ ଛାତ୍ର ସମ୍ବିତ ମହାନ୍ତି, ରଂଜନ ରାଉତ, ସୌଭାଗ୍ୟ ସାହୁ, ସନ୍ତୋଷ ସାହୁ, ସତ୍ୟଶିବ ରାଉତରାୟ, ଶ୍ରଦ୍ଧାଞ୍ଜଳି ରାଉତ, ଦିପ୍ତିମୟୀ ରାଉତ, ବିରଜା ସାହୁ, ଶୁଭ୍ରାଂଶୁ ସାମଲ, ସୌଭାଗ୍ୟ ରାଉତ, ରତିକାନ୍ତ ନାୟକ, ସନ୍ତୋଷ ସାହୁ ପ୍ରମୁଖ ପୁରାତନ ଛାତ୍ରଛାତ୍ରୀମାନେ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ନିଜର ଅନୁଭୂତି ବାଣ୍ଟିଥିଲେ।

## ଶନିଦେବଙ୍କ ମନ୍ଦିରରୁ ଚୋରି

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଜାରକା ପଞ୍ଚାୟତ ଉତର ଶାସନ ଗ୍ରାମସ୍ଥିତ ଶନିଦେବଙ୍କ ମନ୍ଦିରରୁ ବିଭିନ୍ନ ପୂଜା ସାମଗ୍ରୀ ଚୋରି ହୋଇଛି। ଏ ସଂପର୍କରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ନାରାୟଣ ବିଶ୍ୱାଳ ଥାନାରେ ଏତଲା ଦେଇଛନ୍ତି। ଚୋରମାନେ ଗ୍ରିଲ୍ ତାଲା ଭାଙ୍ଗି ମନ୍ଦିରରେ ପ୍ରବେଶ କରିଥିଲେ। ମନ୍ଦିରରେ ଥିବା ପିତଳ ବାଲତି, ପୂଜାଥାଳି, ତସଲା, ୨ଟି ଘଣ୍ଟି, ଘଣ୍ଟ, ଆଳତି ଆଦି ବିଭିନ୍ନ ପୂଜା ସାମଗ୍ରୀ ଲୁଟି ନେଇଛନ୍ତି। ସକାଳେ ପୂଜକ ଅଜୟ କୁମାର ମହାପାତ୍ର ଏହା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ନିକଟରେ ଥିବା ଅମରେଶ୍ୱରୀଙ୍କ ମନ୍ଦିରରୁ ମା'ଙ୍କ ବିଭିନ୍ନ ସୁନା ଓ ରୂପା ଅଳଙ୍କାର ଏବଂ ବହୁ ପୂଜାସାମଗ୍ରୀ ଏକାଧିକ ଥର ଚୋରି ହୋଇଥିବା ଅଭିଯୋଗ ହୋଇଛି।

## ଧର୍ମଶାଳାରେ ନୂଆ ବିଡ଼ିଓ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ୍‌ର ନୂଆ ବିଡିଓ ଭାବେ ଦେବେନ୍ଦ୍ର ପ୍ରସାଦ ବଳ କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବ ବିଡ଼ିଓ ଅରବିନ୍ଦ ବେହେରାଙ୍କର ଅନୁଗୁଳ ବ୍ଲକ୍‌କୁ ବଦଳି ହୋଇଛି। ଏ ନେଇ ପଞ୍ଚାୟତିରାଜ ବିଭାଗ ପତ୍ର ସଂଖ୍ୟା-୧୫୫୩୩/୧୨.୮.୨୨ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବ୍ଲକରେ ଚାଲିଥିବା ମନରେଗା, ଖାଦ୍ୟ ସୁରକ୍ଷା, ପାନୀୟ ଜଳ ଯୋଗାଣ, ଆବାସ ଆଦି ବିଭିନ୍ନ ଦୁର୍ନୀତି ଘଟଣାରେ ପୂର୍ବ ବିଡ଼ିଓ ବିବାଦୀୟ ହୋଇ ପଡ଼ିଥିଲେ। ଏ ସଂପର୍କରେ ଏକାଧିକ ମାମଲା ହାଇକୋର୍ଟଠାରୁ ଆରମ୍ଭ କରି ଲୋକାୟୁକ୍ତରେ ବିଚାରାଧୀନ ରହିଥିବା ବେଳେ ବ୍ଲକ ପ୍ରଶାସନକୁ କାଠଗଡ଼ାରେ ଠିଆ ହେବାକୁ ପଡ଼ିଥିଲା। ପରେ ନବରଙ୍ଗପୁର ଜିଲ୍ଲା ରାଇଘର ବିଡ଼ିଓ ଶ୍ରୀ ବଳଙ୍କୁ ଧର୍ମଶାଳାକୁ ବଦଳି କରାଯାଇଥିଲା। ବ୍ଲକ୍ କର୍ମଚାରୀଙ୍କ ପକ୍ଷରୁ ପୂର୍ବ ବିଡ଼ିଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ନୂତନ ବିଡ଼ିଓଙ୍କୁ ସ୍ୱାଗତ କରାଯାଇଛି।

## ମାଗଣା ହୃଦୟ ଚିକିତ୍ସା ଶିବିର

ଧର୍ମଶାଳା (ପିଏନ୍): ରୋଟାରୀ କ୍ଲବ ଜାରକା ଓ ଆପୋଲୋ ହସପିଟାଲ ଭୁବନେଶ୍ୱର ମିଳିତ ଆନୁକୂଲ୍ୟରେ ଧର୍ମଶାଳା ବ୍ଲକ ଜାରକା ଷ୍ଟାଡିୟମରେ ସେପ୍ଟେମ୍ବର ୨୬ ତାରିଖରେ ଏକ ମାଗଣା ହୃଦୟ ଚିକିତ୍ସା ଶିବିର ଅନୁଷ୍ଠିତ ହେବ। ବିଶ୍ୱ ହୃଦୟ ଦିବସ ଅବସରରେ ଆୟୋଜିତ ଏହି ଶିବିରକୁ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଉଦ୍‌ଘାଟନ କରିବେ। ୪୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନେ ଏହି ଚିକିତ୍ସାର ସୁଯୋଗ ନେଇପାରିବେ। ଏଥିପାଇଁ ସେପ୍ଟେମ୍ବର ୨୫ ତାରିଖ ସକାଳ ୧୦ରୁ ଅପରାହ୍ନ ୩ଟା ମଧ୍ୟରେ ଜାରକା ରୋଟାରୀ କ୍ଲବ ପରିସରରେ ପଂଜିକରଣ କରିବା ପାଇଁ କ୍ଲବର ସଭାପତି ପ୍ରମୋଦ କୁମାର ସାମଲ ଓ ସମ୍ପାଦକ ସୁକାନ୍ତ ସ୍ୱାଇଁ ସୂଚନା ଦେଇଥିଲେ।

## ମହିଳାଙ୍କୁ ମାଡମାରି ବାପା ଓ ପୁଅ ଗିରଫ

ଧର୍ମଶାଳା (ପିଏନ୍): ଜେନାପୁର ଥାନା ଅନ୍ତର୍ଗତ ତାଳଜଙ୍ଗ ଗ୍ରାମରେ ଜଣେ ମହିଳାଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିବା ଅଭିଯୋଗରେ ପୁଲିସ ବାପା ଓ ପୁଅ ୨ ଜଣଙ୍କୁ ଗିରଫ କରିଛି। ତାଳଜଙ୍ଗ ଗ୍ରାମର ରାମଚନ୍ଦ୍ର ମହାଲଙ୍କ ପତ୍ନୀ ମାମିନା ମହାଲଙ୍କୁ ସେହି ଗ୍ରାମର ପୁଅ ସୁଦାମ ମହାଲ (୨୫) ଓ ବାପା ଭାଗିରଥୀ ମହାଲ (୫୨) ଗାଳିଗୁଲଜ କରିବା ସହ ମାଡମାରିଥିବା ନେଇ ମାମିନା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ୨୬୦/୨୨ରେ ଏକ କେଶ କରି ଉଭୟ ବାପା ଓ ପୁଅଙ୍କୁ ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# 'କାଗଜ ଗୁଡି'ର ଶୁଭମହୁରତ୍

ଭୁବନେଶ୍ୱର,(ପିଏନ): ସୁମିତ୍ରା ଏଂଟରଟେନ୍‌ମେଂଟ୍ ନିବେଦିତ ଓଡିଆ ଚଳଚ୍ଚିତ୍ର 'ମନ ମୋର କାଗଜଗୁଡି'ର ମହୁରତ ହୋଇଯାଇଛି। ନିକୋପାର୍କ ନିକଟସ୍ଥ ସୁନାଦେଇ ମନ୍ଦିରରେ ଆୟୋଜିତ ଏହି ମହୁରତ ଉତ୍ସବରେ ମାନ୍ୟବର ଭୁବନେଶ୍ୱର ମଧ୍ୟ ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା ମହୁରତ କ୍ଲାପ ଦେଇ ଚଳଚ୍ଚିତ୍ରର ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ସହିତ ଟାଇଟଲ୍ ଉନ୍ମୋଚିତ କରିଥିଲେ। ରାକେଶ ଓ ଭୂମିକାଙ୍କ ଅଭିନୀତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି ଡିରେକ୍ଟର ଦେବଜ୍ୟୋତି ପାତ୍ର (ଦୀପୁ) । ଯଦିଓ ନିର୍ଦ୍ଦେଶକ ଭାବେ ଏହା ତାଙ୍କର ପ୍ରଥମ ସିନେମା ହେବ ତେବେ ଷାଠିଏରୁ ଊର୍ଦ୍ଧ୍ୱ ସିନେମାର ସେ ଚିଫ୍ ଭାଇ। ଗୀତରଚନା କରିଛନ୍ତି ବସନ୍ତରାଜ ସାମଲ ଓ ସୁବ୍ରତ ସ୍ୱାଇଁ। ଦିବ୍ୟସିଂହ ରାୟଙ୍କ ରଚିତ କାହାଣୀରେ ସଂଳାପ ଦେଇଛନ୍ତି ମାନସ ପଢିଆରୀ। ସୋମିଓ ସିନେମାଟୋଗ୍ରାଫର ଥିବାବେଳେ ମୁଖ୍ୟ ସହକାରୀ ନିର୍ଦ୍ଦେଶକ ଓ ସହକାରୀ ନିର୍ଦ୍ଦେଶକ ଅଛନ୍ତି ସ୍ୱାଗତ ପାତ୍ର ଏବଂ ଜୁନିୟର ସିଦ୍ଧାନ୍ତ। ମେକ୍ ଅପ୍‌ରେ ରାଜୁ, କେଶବିନ୍ୟାସରେ ତୁଳସୀ ଓ କଳାରେ ନବଘନ ଦଳେଇ ଥିବାବେଳେ ବ୍ୟବସ୍ଥାପନାରେ ଅଛନ୍ତି ସର୍ବେଶ୍ୱର ସୂତାର। ଚଳଚ୍ଚିତ୍ରର ପ୍ରଚାର ଓ ପ୍ରସାର ଦାୟିତ୍ୱ ବହନ କରିଛନ୍ତି 'ବେଷ୍ଟ ଆଇଡିଆଜ୍'। 'ମନ ମୋର କାଗଜ ଗୁଡି' ଶୀର୍ଷକରେ ନିର୍ମିତ ଏହି ଚଳଚ୍ଚିତ୍ରର କାହାଣୀ ସମ୍ପୂର୍ଣ୍ଣ ଭିନ୍ନ ଧରଣର। ଓଡିଆ ଚଳଚ୍ଚିତ୍ର ଶିକାର ହୋଇ ଯୁବ ପିଢି କିପରି ଅବାଟରେ ପାଦ ରଖୁଛନ୍ତି ଓ ନିଶା କବଳରେ କବଳିତ ହେଉଛନ୍ତି, ତାର ନଜିର ରହିଛି ଏଥିରେ। ବାଟବଣା ଯୁବ ବର୍ଗଙ୍କୁ ବାଟକୁ ଆଣିବାକୁ ସୁମିତ୍ରା ଏଂଟରଟେନ୍ ମେଂଟ୍‌ର ଏ ପ୍ରୟାସ। କାହାଣୀରେ ମନୋରଞ୍ଜନର ଭରପୂର ମସଲା ରହିଛି। ସବୁ ବର୍ଗର ଦର୍ଶକଙ୍କୁ ଏହା ପସନ୍ଦ ଆସିବ। ଏହା ଏକ ବ୍ୟୟବହୁଳ ଛବି ହୋଇଥିବା ବେଳେ ଗୀତଗୁଡିକ ବାହାର ଲୋକେସନରେ ସୁଟିଂ କରାଯିବାର ଯୋଜନା ରହିଛି। ସିନେମା ପାଇଁ କେବଳ ସିନେମା ନୁହେଁ। କରୋନା ଯୋଗୁ ଠପ୍ ହୋଇଯାଇଛି ସିନେମା ଶିଳ୍ପ। କଳାକାର ଓ ଟେକ୍ନିସିଆନଙ୍କ ହାତରେ ପ୍ରାୟତଃ କାମ ନାହିଁ। ନାହିଁ ନଥିବା




ଏସୋସିଏଟ୍ ଡିରେକ୍ଟର ଭାବେ କାମ କରିସାରିଛନ୍ତି। ନାୟକ ନାୟିକା ଭାବେ ନଜର ଆସିବେ ୟଙ୍ଗ୍ ସେନ୍‌ସେସନ ରାକେଶ ଓ ଭୂମିକା। ରାକେଶ ଓ ଭୂମିକା ଯୋଡିର ଏହା ପ୍ରଥମ ଚଳଚ୍ଚିତ୍ର। ଅନ୍ୟାନ୍ୟ ଭୂମିକାରେ ପ୍ରୀତିରାଜ ଶତପଥୀ, ଐଶ୍ୱର୍ଯ୍ୟା ବେହେରା, ମମତା ଦାଶ, ବୀରେନ୍ ମିଶ୍ର, ଗୁଡୁ, ଜ୍ଞାନ ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ଯୁବ ଉଦ୍ୟୋଗୀ ଶିବିର ପରିଡା ଓ ଲକ୍ଷ୍ମୀପ୍ରିୟା ପରିଡାଙ୍କ ପ୍ରଯୋଜନାରେ ନିର୍ମିତ 'ମନ ମୋର କାଗଜ ଗୁଡି'ର ସହ ପ୍ରଯୋଜକ ଅଛନ୍ତି ବିବେକାନନ୍ଦ ବାରିକ ଓ ପାର୍ବତୀ ବାରିକ। ସଙ୍ଗୀତ ଦେଇଛନ୍ତି ଜାପାନୀ ଶୀର୍ଷକରେ ଇଂରାଜୀ ଓ ହିନ୍ଦୀ ଶବ୍ଦର ବ୍ୟବହାରକୁ ନେଇ ଦର୍ଶକ ଓ ସମାଲୋଚକମାନେ ପ୍ରଶ୍ନ ଉଠାଇ ଆସିଛନ୍ତି। ସେ ଦୃଷ୍ଟିରୁ ଏହାର ଶୀର୍ଷକ ନିଆରା। ଏହା ଏମିତି ଏକ ଶୀର୍ଷକ ଯେଉଁଥିରେ ଓଡିଆତ୍ୱ ରହିଛି, ରହିଛି ଆପଣାପଣ। ଯେମିତି ମିଠା ସେମିତି ମନଛୁଆଁ। ଶୀର୍ଷକରୁ ହିଁ ଦର୍ଶକ ଅନୁମାନ କରିପାରିବେ ଯେ ଏହା ଏକ ମୌଳିକ କାହାଣୀ। କୌଣସି ସିନେମାର କପି ନୁହେଁ କି ଏଥିରେ କୌଣସି ସିନେମାର ଛାପ ନାହିଁ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସାମ୍ପ୍ରତିକ ସମସ୍ୟା ଉପରେ ଏହା ଆଧାରିତ। ବିଭିନ୍ନ ପ୍ରକାର ଚାପର ଅସୁବିଧା ଭୋଗୁଛନ୍ତି ସମସ୍ତେ। ଏଣୁ ସୁମିତ୍ରା ଏଂଟରଟେନ୍‌ମେଂଟ୍ ପକ୍ଷରୁ କଳାକାର ଓ ଟେକ୍ନିସିଆନ୍‌ମାନଙ୍କୁ କାମ ଯୋଗାଇଦେବା ଉଦ୍ଦେଶ୍ୟ ନେଇ ଏହି ଚଳଚ୍ଚିତ୍ରର ଯୋଜନା କରାଯାଇଛି ବୋଲି ସ୍ପଷ୍ଟ କରିଛନ୍ତି ପ୍ରଯୋଜକ ଶିବିର କୁମାର ପରିଡା। ମହୁରତ ଉତ୍ସବରେ ଏହାର ସମସ୍ତ କଳାକାର ଓ ଟେକ୍ନିସିଆନଙ୍କ ସମେତ ଓଲିଉଡର ସହ ସମ୍ପୃକ୍ତ ବହୁ ନାମୀଦାମୀ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ନଭେମ୍ବର ୧୩ ତାରିଖରେ 'ମନମୋର କାଗଜଗୁଡି' ଫ୍ଲୋରକୁ ଆସିବ ବୋଲି ସୂଚନା ରହିଛି।

# ଶ୍ରମିକ ବିରୋଧି ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇବା ପାଇଁ ଶ୍ରମିକ କର୍ମଚାରୀ ବଦ୍ଧ ପରିକର




ଭୁବନେଶ୍ୱର, (ପି.ଏନ): କେନ୍ଦ୍ରରେ ବି.ଜେ.ପି଼ ସରକାର ଏବଂ ରାଜ୍ୟରେ ବି.ଜେ.ଡ଼ି ସରକାର କୃଷକ କର୍ମଚାରୀ ବିରୋଧି ହୋଇଥିବାରୁ ଆଗାମୀ ବାଲେଶ୍ୱର ଓ ତ୍ରିତୋଲ ବିଧାନସଭା ଉପନିର୍ବାଚନରେ ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀ ମମତା କୁଣ୍ଡୁ ଓ ଜଗତସିଂହପୁର ପ୍ରାର୍ଥୀ ହିମାଂଶୁ ମଲ୍ଲିକଙ୍କୁ ଜିତାଇବା ପାଇଁ ଗତ ତା. ୨୨.୧୦.୨୦୨୦ ରିଖରେ ବାଲେଶ୍ୱର ଦୁର୍ଗା ଗାର୍ଡେନ ଠାରେ ଜାତୀୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ଉପସଭାପତି, ଓଡ଼ିଶା ଶାଖାର ସଭାପତି ତଥା ପ୍ରାକ୍ତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆଙ୍କ ପୌରାହିତରେ ଅନୁଷ୍ଠିତ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଆଂଚଳିକ ସମ୍ମିଳନୀରେ ନିଷ୍ପତି ନିଆଯାଇଛି। ଏହି ସମ୍ମିଳନୀରେ ଏ.ଆଇ.ଟି.ୟୁ.ସି., ସି.ଆଇ.ଟି.ୟୁ.,ଏଚ.ଏମ୍.ଏସ୍. ଏ.ଆଇ.ସି.ସି.ଟି.ୟୁ ପ୍ରଭୃତି ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନକୁ ଶ୍ରମିକ କର୍ମଚାରୀ ବିରୋଧି ବି.ଜେ.ପି. ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରାଯାଇଛି। ଏହି ସମ୍ମିଳନୀକୁ ବିଧିବଧ ଭାବେ ଉଦ୍‌ଘାଟନ କରି ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସଂପାଦକ ତଥା ସାଂସଦ ଡକ୍ଟର ଏ. ଚେଲ୍ଲା କୁମାର କହିଥିଲେ ଯେ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କେବଳ ଭାରତ ନୁହେଁ ସାରା ପୃଥିବୀରେ ବୃହତମ ଶ୍ରମିକ ସଂଗଠନ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଭାରତ ବର୍ଷରେ ପ୍ରଣିତ ସମସ୍ତ ଶ୍ରମ ଆଇନ ଗୁଡ଼ିକୁ ପ୍ରଣୟନ କରିବା ପାଇଁ ମୁଖ୍ୟ ଭୂମିକା ନେଇଥିଲେ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜନୈତିକ ଦୃଷ୍ଟି କୋଣରୁ କଂଗ୍ରେସକୁ ସମର୍ଥନ କରୁଥିଲେ ହେଁ ଶ୍ରମିକ କର୍ମଚାରୀଙ୍କ ସ୍ୱାର୍ଥ ପାଇଁ କଂଗ୍ରେସ ସରକାରଙ୍କ କାର୍ଯ୍ୟକୁ କେବେ ପ୍ରତିବାଦ କରିବା ପାଇଁ ପଛାଇ ନାହିଁ। ଏଣୁ ଏହି ପରିପ୍ରେକ୍ଷୀରେ ଶ୍ରମିକ କର୍ମଚାରୀ ଓ ଚାଷୀ ବିରୋଧି ମୋଦୀ ଓ ନବୀନ ପଟ୍ଟନାୟକଙ୍କ ପ୍ରାର୍ଥୀଙ୍କୁ ବାଲେଶ୍ୱର ଓ ତ୍ରିତୋଲରୁ ହରାଇ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରିଥିଲେ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଏହି ସଭାରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ବାଲେଶ୍ୱରର ସମସ୍ତ ଉନ୍ନୟନ କାର୍ଯ୍ୟ ଓ କଳକାରଖାନା କେବଳ କଂଗ୍ରେସ ସମୟରେ ହିଁ ହୋଇଛି। ଅନ୍ୟ କୌଣସି ଦଳର ବାଲେଶ୍ୱର ସହରର ଉନ୍ନୟନ ପାଇଁ କିଛି ଅବଦାନ ନାହିଁ ଏବଂ କଂଗ୍ରେସ ପ୍ରାର୍ଥୀ ମମତା କୁଣ୍ଡୁ ଜଣେ ଦକ୍ଷ ନାରୀ ନେତ୍ରୀ, ତେଣୁ ତାଙ୍କୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। ରାଜ୍ୟ ବିଧାନ ସଭା ଶ୍ରୀ ତାରା ବାହିନୀ ପତି, ବିଧାୟକ, ଶ୍ରୀ ସପ୍ତଗିରି ଉଲ୍ଲାକା, କୋରାପୁଟ ସାଂସଦ, ଶ୍ରୀଯୁକ୍ତ ପ୍ରଦୀପ ମାଝୀ, ପ୍ରାକ୍ତନ ସାଂସଦ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଓ ସୁଦର୍ଶନ ଦାସ ପ୍ରମୁଖ ଏହି ସଭାରେ ଉଦ୍‌ବୋଦନ ଦେଇ କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁଙ୍କୁ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁ ଏହି ସଭାରେ ଉଦ୍‌ବୋଧନ ଦେଇ ବାଲେଶ୍ୱର ସହରର ସମସ୍ତ କାର୍ଯ୍ୟ କରିବା ସଂଗେ ସଂଗେ ବି.ଜେ.ଡ଼ି ଓ ବି.ଜେ.ପି ସରକାର ବାଲେଶ୍ୱର ଅଧିବାସୀଙ୍କ ଆଶା ଆକାକ୍ଷା ପୂର୍ଣ୍ଣ କରିବା ପାଇଁ ସଂପୂର୍ଣ୍ଣ ବିଫଳ ହୋଇଥିବାରୁ ୩ ବର୍ଷ ତାଙ୍କୁ ସୁଯୋଗ ଦେବା ପାଇଁ ବିନମ୍ର ନିବେଦନ କରିଥିଲେ। ଡକ୍ଟର ଖୁଂଟିଆ, ପୂର୍ବତନ ସାଂସଦ ଏହି ସଭାରେ ପୌରାହିତ କରି ବାଲେଶ୍ୱର ଜିଲ୍ଲା ସଦର ମହକୁମା ମେଡ଼ିକାଲ କଲେଜ ଏବଂ ଇକ୍ଷକ୍ଷଗଝ ର ପ୍ରସ୍ତାବ କଂଗ୍ରେସ ସରକାର ସମୟରେ ଗୋଲାବ ନବୀ ଆଜାଦ ଘୋଷଣା କରିଥିଲେ ଏବଂ ଡକ୍ଟର ଖୁଂଟିଆ ନିଜେ ଇଓଓଗଝ ର ସଦସ୍ୟ ଥିଲେ। ଯାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାର ଜ୍ୱଳନ୍ତ ନିଦର୍ଶନ। ଏହି ସଭାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସାଧାରଣ ସଂପାଦକ କିଶୋର ଜେନା, ଉପସଭାପତି ମଦନ ମୋହନ ଧଳ, ବିଦ୍ୟାଧର ମହାନ୍ତି, କୋଷାଧ୍ୟକ୍ଷ ଧରଣୀ ଧର ସ୍ୱାଇଁ, ଯୁଗ୍ମ ସଂପାଦକ ଅକ୍ଷୟ ତ୍ରିପାଠୀ, ପ୍ରଣତୀ ମିଶ୍ର, ସୁରେଶ ବେହେରା, ବାସନ୍ତୀ ସାମଲ, ବିକାଶ ଦାସ, ରଘୁନାଥ ମାଝୀ, ପରାମାନନ୍ଦ ସେଠୀ, ବିଷ୍ଣୁ ରଥ, ବିଜୟ ଦ୍ୱିବେଦୀ, ବିଜୟ ବୋଇତଇ, ଚନ୍ଦ୍ରକାନ୍ତ ଖଣ୍ଡେଇ ଓ ରମାକାନ୍ତ ଗାହାଣ ପ୍ରମୁଖ ଯୋଗଦେଇଥିଲେ।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ



ରାୟଗଡ,(ପି.ଏନ): ରାୟଗଡ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ପରିଚ଼ାଳନା ପ୍ରସ୍ତୁତି ବୈଠକ ଆଜି ରାୟଗଡ ଜିଲ୍ଲାପାଳ ଶ୍ରୀମତୀ ପାରୁଲପଟଓ୍ୱରୀଙ୍କ ଅଧକ୍ଷତାରେ ସ୍ଥାନୀୟ ଜିଲ୍ଲା ପରିଷଦ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମାନ୍ୟବର ରାୟଗଡ, ବିଧାୟକ, ଶ୍ରୀଯୁକ୍ତ କାଡ୍ରାକ ଅକ୍ଷପ୍ପକ୍ଷଲସ୍ୱାମୀ ଅତିରିକ୍ତ ଜିଲ୍ଲାପାଳ, ଶ୍ରୀ ନବୀନ ଚ଼ନ୍ଦ୍ର ନାଏକ, ପିଏ ଆଇଟିଡିଏ ଚ଼ନ୍ଦ୍ରକାନ୍ତ ମାଝୀ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ମନୋଜ କୁମାର ନାହାକ,ସମସ୍ତ ତହସିଲଦାର, ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦାନ କରି ଆଗାମୀ ଦିନ ମାନଙ୍କରେସମ୍ଭକ୍ଷବ୍ୟ ପ୍ରାକୃତିକ ବିପର୍ଯୟ ମୁକାବିଲା ନିମନ୍ତେ ପ୍ରସ୍ତୁତି ରହିବା ଉପରେ ଆଲୋଚ଼ନା କରିଥିଲେ କ୍ଷ ମାନ୍ୟବର ବିଧାୟକ ନିଜର ବକ୍ତବ୍ୟରେ କହିଲେ ଯେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସମସ୍ତେ ଏକଜୁଟ ହୋଇ ମୁକାବିଲା କରିବାକୁ ପଡିବ ସେଥି ପାଇଁ ଆଗୁଆ ସତର୍କତା ଅବଲମ୍ବନ କରିବାକୁ ପଡିବ ବୋଲି ବିଭାଗୀୟ ଅଧିକାରୀ ମାନଙ୍କୁ କହିଥିଲେ କ୍ଷ ପୌରନିର୍ବାହୀ ଅଧିକାରୀ ମାନେ ବସ୍ତି ଅଂଚ଼ଳ ଚ଼ିହ୍ନଟ କରି ସେମାନଙ୍କ ସୁରକ୍ଷା ନିମନ୍ତେ କାମ କରିବାକୁ କହିଥିଲେ କ୍ଷ ମଶା ପ୍ରାଦୁର୍ଭାବକୁ ରୋକିବା ନିମନ୍ତେ ନିୟମିତ ଔଷଧ ଛିଞ୍ଚନ ଓ ଘଡଘଡି ଚ଼ଡଚ଼ଡିର ପ୍ରକୋପ ହ୍ରାସ ପାଇଁ ତାଳ ଗଛ ଲଗାଇବା ପାଇଁ ଅନୁରୋଧ କରିଥିଲେ । ଏହି ବୈଠକରେ ବିଶେଷ କରି ବର୍ଷାଦିନେସମ୍ଭାବ୍ୟ ବନ୍ୟା ଓ ବତ୍ୟାର କିପରି ମୁକାବିଲା କରାଯାଇପାରିବ ସେଥି ନିମନ୍ତେବିସ୍ତୃତଭାବେ ଆଲୋଚ଼ନା କରିଥିଲେ କ୍ଷ ଜିଲ୍ଲାର ପ୍ରମୁଖ ନଦୀବନ୍ଧ ଯଥା ନାଗାବଳି, ବଂଶଧାରାନଦୀଜଳ ପ୍ରବାହିତ ନଦୀବନ୍ଧ ଗୁଡିକର ସ୍ଥିତି ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କ ଠାରୁ ପଚ଼ାରି ବୁଝିଥିଲେ । ଦୁର୍ବଳ ନଦୀବନ୍ଧ ଗୁଡ଼ିକର ଚ଼ିହ୍ନଟ କରି ତୁରନ୍ତ ବର୍ଷା ଦିନ ପୂର୍ବରୁ ମରାମତି କରିବାକୁ ଜିଲ୍ଲାପାଳ ନିର୍ଦ୍ଧ?ଶ ଦେଇଥିଲେ କ୍ଷ ବିଡ଼ିଓ ତହସିଲଦାର ମାନେ ପ୍ରତ୍ୟକ ବ୍ଲକ ସ୍ତରରେ ପ୍ରସ୍ତୁତି ରହିବାକୁ ବୈଠକ କରିବେ ଏବଂ ଆସନ୍ତା ୩ଦିନ ମଧ୍ୟରେ ନିଜ କାର୍ଯ୍ୟାଳୟ ନିୟନ୍ତ୍ରଣ କକ୍ଷର ନୋଡାଲ ଅଧିକାରୀ ଓ ଦୂରଭାଷା ନମ୍ବର ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟକୁ ଦେବାକୁ ନିର୍ଦ୍ଦେଶ ଦେଲେ । ପାଣିପାଗ ସୂଚ଼ନା ନିୟମିତ ଭାବରେ ସମସ୍ତଙ୍କୁ ଅବଗତ କରିବେ ଯାହାଫଳରେ ସମସ୍ତେ ସତର୍କ ହେବ ବୋଲି ଜିଲ୍ଲାପାଳ କହିଥିଲେ । ବିପର୍ଯ୍ୟୟ ସମୟରେ ଖବର ଯୋଗାଯୋଗ ସ୍ଥାପନ ନିମନ୍ତେ ପୋଲିସ ଓ ଟେଲିଫୋନ ବିଭାଗକୁ ଅସ୍ଥାୟୀ ବେତାର ବ୍ୟବସ୍ଥା କରିବକ୍ଷ ପାଇଁ କୁହାଯକ୍ଷଇଛିକ୍ଷ ବନ୍ୟା ସମୟରେ ନଦୀ ଘାଟରେ ଯାତାୟାତ ନିମନ୍ତେ ଡ଼ଙ୍ଗା ବ୍ୟବସ୍ଥା କରିବାକୁ ବନ୍ୟା ପ୍ରବଣ ବ୍ଲକ ବିଡ଼ିଓ, ତହସିଲଦାର ମକ୍ଷନଙ୍କୁନିର୍ଦ୍ଦେଶ ଦିଆଯାଇଛି । ବନ୍ୟା ପ୍ରବଣ ଅଂଚ଼ଳ ଗୁଡିକରେ ଅତ୍ୟାବଶ୍ୟକ ସାମଗ୍ରୀ ଯଥା- ଚ଼ାଉଳ,ଚ଼ୁଡ଼ା,ଗୁଡ,ବିସ୍କୁଟ, ମହମବତୀ,କିରାସିନି ଆଦି ଶୁଖିଲା ଖାଦ୍ୟ ଆଗୁଆ ମହଜୁଦ ରଖିବାକୁ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଧ?ଶ ଦେଇଛନ୍ତି । ଏହି ସମୟରେ ବିଶୁଦ୍ଧ ପାନୀୟଜଳ ପାଇଁ ଆଗୁଆ ବ୍ୟବସ୍ଥା କରିବାକୁ ଗ୍ରାମୀୟ ଜଳ ଯୋଗାଣ ସଂସ୍ଥା ଓ ଜନସ୍ୱାସ୍ଥ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି କ୍ଷ ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଯୋଗାଇବା ନିମନ୍ତେ ଆଗୁଆ ଔଷଧ, ସାପକାମୁଡାର୍ନିରକରଣ ଇଂଜେକସନ , ଓଆରଏସ , ହେଲୋଜେନ , ବ୍ଲିଚ଼ିଂ ପାଉଡର, କ୍ଲୋରିନ ବଟିକା ଆଦି ଆଗୁଆ ମହଜୁଦ ରଖିବାକୁ ଜିଲ୍ଲା ମୁଖ୍ୟ ଚ଼ିକିତ୍ସା ଅଧିକାରୀଙ୍କୁ ଜିଲ୍ଲା ପାଳ ନିର୍ଦ୍ଦେଶ ଦେଇଛନ୍ତି । ପ୍ରାଣୀ ଚ଼ିକିତ୍ସା ପାଇଁ ମଧ୍ୟ ଆଗୁଆ ବ୍ୟବସ୍ଥା କରିବାକୁ ଜିଲାମୁଖ୍ୟ ପ୍ରାଣୀ ଚ଼ିକିତ୍ସା ଅଧିକାରୀଙ୍କୁ କୁହାଯାଇଛି । ମେଲେରିଆ, ଡେଙ୍ଗୁ ନିୟନ୍ତ୍ରଣ ପାଇଁ ବର୍ଷାଦିନ ପୂର୍ବରୁ ନାଳନର୍ଦ୍ଦମା ଗୁଡିକର ସଫାସୁତୁରା ଓ ମରାମତି କରିବାକୁ ସଂପୃକ୍ତ ଅଧିକାରୀ ମାନଙ୍କୁ କୁହାଯାଇଛି । ବନ୍ୟା ବାତ୍ୟା ସମୟରେ ଚ଼ାଷୀମାନଙ୍କୁ ଆଗୁଆ ସତର୍କ କରିବାକୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଜିଲାପାଳ କହିଥିଲେ । ବକ୍ଷତ୍ୟା ଆଶ୍ରୟ ସ୍ଥଳି,ବକ୍ଷତ୍ୟା ସମୟରେ ବ୍ୟବହାର ନିମନ୍ତେ ଚ଼ିହ୍ନଟ କରାଯାଇ ବିଦ୍ୟାଳୟ ଗୁଡିକର ପ୍ରସ୍ତୁତ ରଖିବାକୁ ନିର୍ବାହୀ ଅଧିକାରୀ, ଗୋଷ୍ଠି ଉନ୍ନୟନ ଅଧିକାରୀ ମାନଙ୍କୁ ସେହି ଆଶ୍ରୟସ୍ଥଳୀର ଦାୟିତ୍ୱସମ୍ପନ୍ନ ଲୋକଙ୍କ ଯୋଗାଯୋଗ ନମ୍ବର ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟକୁ ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବର୍ଷାମାପ ଯନ୍ତ୍ର ସାହାଯ୍ୟରେ ବର୍ଷାର ସଠିକ ମାପ କରି ରିପୋର୍ଟ ଦେବାକୁ ଜିଲ୍ଲାପାଳ କହିଥିଲେ । ବର୍ଷାଦିନ ପୂର୍ବରୁ ରାସ୍ତା ଘାଟ, ବିଦ୍ୟୁତ ଯୋଗାଯୋଗ କାର୍ଯ୍ୟ ଗୁଡ଼ିକର ମରାମତି କରିବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବନ୍ୟା ବାତ୍ୟା ମୁକାବିଲା ନିମନ୍ତେ ଆବଶ୍ୟକ ଯନ୍ତ୍ରପାତି, ଡ଼ଙ୍ଗା ସହ ପ୍ରସ୍ତୁତି ରହିବାକୁ ଓଡ୍ରାଫ ଟିମ ଓ ଅଗ୍ନିଶମବିଭକ୍ଷଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହା ସହିତ ଜିଲ୍ଲାପାଳ ମହୋଦୟା ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରାମୃତ୍ୟୁପରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ସଠିକ ପୋଷ୍ଟ ମର୍ଟମ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଲେ ଯାହାଦ୍ୱାରାମୃତବ୍ୟକ୍ତିଙ୍କ ପରିବାର ଖୁବଶୀଘ୍ର ସହାୟତା ରାଶି ସରକାରଙ୍କ ତରଫରୁ ପାଇପାରିବେ । ଏହି ବୈଠକରେ ବିଭିନ୍ନ ବ୍ଲକର ତହସିଲଦାର, ଜିଲ୍ଲାସ୍ଥରୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚ଼ନାରେ ଅଂଶଗ୍ରହଣ କରିଥିଲେ କ୍ଷ ଶେଷରେ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାଏକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆଶାସାଥି ମାନଙ୍କୁ ବୀମା ଭୁକ୍ତ କରି ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅର୍ନ୍ତଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି ।

## ସ୍କର୍ପିଓ ଧକ୍କାରେ ଦୁଇ ସ୍କୁଟି ଆରୋହୀ ଆହତ

କୋରେଇ,(ପିଏନ)- ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତୁଳସୀ ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱରରୁ ନିଜଗ୍ରାମ କେଉଁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଇଁଶିରା ଗ୍ରାମକୁ ଏକ ସ୍କୁଟି( ଓଡ଼ି୩୩କେ୨୭୭୭)ରେ ଯାଉଥିବା ଦାମୁ ଚମ୍ପିଆଙ୍କ ଦୁଇ ପୁଅ କେଦାର ଓ କୀର୍ତ୍ତନଙ୍କୁ ଏକ ଦ୍ରୁତଗାମୀ ସ୍କର୍ପିଓ ସାଇଡ଼ ମାରିଦେବାରୁ ଦୁଇ ଭାଇ ରାସ୍ତା ଡ଼ିଭାଇଡ଼ର ଉପରେ ପଡ଼ି ଆହତ ହୋଇଥିଲେ ।

# ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା। ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି। ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଳାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତ୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

# ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ- ୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜମ୍ବେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

# ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Sunday May 18 | ଭୁବନେଶ୍ୱର ରବିବାର, ୧୮, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



# ବିଶ୍ୱ ପାଳନ କଲା ୧୨ତମ ଆର୍ଟ ଅଫ୍ ଗିଭିଂ ଦିବସ

ଭୁବନେଶ୍ୱର, (ପି.ଏନ): ସମଗ୍ର ବିଶ୍ୱରେ ଆଜି ପାଳିତ ହୋଇଛି ଅନ୍ତର୍ଜାତୀୟ 'ଆର୍ଟ ଅଫ୍ ଗିଭିଂ' ଦିବସ। ଓଡ଼ିଶାର ସମସ୍ତ ଜିଲ୍ଲା ସମେତ ୩୫ଟି ସହର, ଭାରତର ବିଭିନ୍ନ ସହର ସହ ବିଶ୍ୱର ପ୍ରାୟ ୧୨୦ଟି ଦେଶର ୩୫୦ଟି ସ୍ଥାନରେ ୧୨ତମ ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ ହୋଇଛି। ଭାରତର ୨୯ଟି ରାଜ୍ୟ, ୪ଟି କେନ୍ଦ୍ରଶାସିତ ଅଞ୍ଚଳର ୩୫ଶହ ସ୍ଥାନରେ ଏବଂ ୨ଶହ ସହର ସମେତ ଓଡ଼ଶାର ୩୦ଟି ଜିଲ୍ଲା, ୩୫ଟି ପ୍ରମୁଖ ସହର, ୩ଶହରୁ ଊର୍ଦ୍ଧ୍ୱ ବ୍ଲକ୍, ୫ହଜାରରୁ ଊର୍ଦ୍ଧ୍ୱ ଗ୍ରାମ ପଞ୍ଚାୟତର ୧୦ ହଜାର ସ୍ଥାନରେ ଅନ୍ତର୍ଜାତୀୟ 'ଆର୍ଟ ଅଫ୍ ଗିଭିଂ' ଦିବସ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି। ବିଭିନ୍ନ ସ୍ଥାନରେ ସଭା ସମିତି କରାଯାଇ ଆର୍ଟ୍ ଅଫ୍ ଗିଭିଂର ବାର୍ତ୍ତା ଶାନ୍ତି, ମୈତ୍ରୀ, ସୌହାର୍ଦ୍ଦ୍ୟ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। ସମାଜରେ ପରସ୍ପରକୁ ସାହାଯ୍ୟ, ସହଯୋଗ, ଶାନ୍ତି, ମୈତ୍ରୀ ଓ ସୌହାର୍ଦ୍ଦ୍ୟ ବାଣ୍ଟିବା ପାଇଁ ୨୦୧୩ ମସିହା ମେ ୧୭ ତାରିଖଠାରୁ ଶିକ୍ଷାବିତ୍ ଓ ସମାଜସେବୀ ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା 'ଆର୍ଟ ଅଫ୍ ଗିଭିଂ' ପ୍ରୟାସ ଏବେ ସମଗ୍ର ବିଶ୍ୱରେ



ପ୍ରସାର ଲାଭ କରିଛି। ସମସାମୟିକ ଆବଶ୍ୟକତା ଓ ଆବେଗ ଆଧାରରେ ପ୍ରତିବର୍ଷ 'ଆର୍ଟ ଅଫ୍ ଗିଭିଂ'ର ଏକ ସ୍ୱତନ୍ତ୍ର ବିଷୟବସ୍ତୁ ରହିଥାଏ। ଚଳିତବର୍ଷର ବିଷୟବସ୍ତୁ ଥିଲା ନେବରଗୁଡ୍ (ପଡ଼ୋଶୀଙ୍କ ସହ ଉତ୍ତମ ସମ୍ପର୍କ) ।ମୁଷ୍ଟିମେୟ ଅଂଶଗ୍ରହଣକାରୀଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ଏବେ କାୟା ବିସ୍ତାର କରିଚାଲିଛି । ଦେଶରୁ ମହାଦେଶକୁ ବ୍ୟାପିଛି। ଲକ୍ଷ ଲକ୍ଷ ବ୍ୟକ୍ତି ସାମିଲ ହୋଇଛନ୍ତି। ଜାତି, ଧର୍ମ, ବୟସ, ଲିଙ୍ଗ, ଜନ୍ମସ୍ଥାନ ନିର୍ବିଶେଷରେ ଏହି ଦିନଟି ସମସ୍ତଙ୍କ ପାଇଁ ଆଶା, ଖୁସି ଓ ମାନବିକତାର ଦିବସ ରୂପେ ପ୍ରତୀଭାତ ହୋଇଛି। ମେ୨ରୁ ୧୬ ତାରିଖ ପର୍ଯ୍ୟନ୍ତ ୧୫ ଦିନ ବ୍ୟାପୀ ପାଳିତ ହୋଇଯାଇଛି ଖୁସିର ପକ୍ଷ। ଏହି ଅବସରରେ ଆର୍ଟ୍ ଅଫ୍ ଗିଭିଂର ଅନୁଗାମୀମାନେ ସେମାନଙ୍କ ପଡ଼ୋଶୀ ଓ ସ୍ଥାନୀୟ ବାସିନ୍ଦାଙ୍କ ସହ ଖୁସି ବାଣ୍ଟିବା ସହ ଆର୍ଟ୍ ଅଫ୍ ଗିଭିଂର ବାର୍ତ୍ତ ପ୍ରଚାର କରିଥିଲେ। ଏହି ଅବସରରେ ଆର୍ଟ୍ ଅଫ୍ ଗିଭିଂର ଅନୁଗାମୀ ଓ ଶୁଭେଚ୍ଛୁ ମାନଙ୍କୁ ଧନ୍ୟବାଦ ଜଣାଇ ଆର୍ଟ୍ ଅଫ୍ ଗିଭିଂର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ୨୦୧୩ ମେ ୧୭ତାରିଖରେ ଯେଉଁ ବୀଜ ବପନ କରାଯାଇଥିଲା, ତାହା ଆଜି ଏକ ଜନଆନ୍ଦୋଳନରେ ପରିଣତ ହୋଇଛି। ଲୋକମାନେ ଏହାକୁ ଗ୍ରହଣ କରିଛନ୍ତି। ଏହା ଲୋକଙ୍କ ମଧ୍ୟରେ ଏତେ ଆଦୃତ ହୋଇଛି ଯେ, ସମଗ୍ର ବିଶ୍ୱରେ ବିଶେଷ କରି ଭାରତ ଏବଂ ଓଡ଼ିଶାର ଲୋକମାନେ ଏହାକୁ ଏକ ପର୍ବ ଭାବରେ ପାଳନ କରୁଛନ୍ତି। ଏହା ଦ୍ୱାରା ସମାଜରେ ଶାନ୍ତି, ମୈତ୍ରୀ, ସୌହାର୍ଦ୍ଦ୍ୟ, ବନ୍ଧୁତା ଓ ଭଲପାଇବା ଆହୁରି ଦୃଢ଼ିଭୂତ ହେବା ସହ ବୃଦ୍ଧି ପାଇବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

# ଭାରତୀୟ ଖାଦ୍ୟ ନିଗମ ଅବସରପ୍ରାପ୍ତ କର୍ମଚାରୀ ମଙ୍ଗଳ ସମିତି ଓଡ଼ିଶାର ତ୍ରୈମାସିକ ସମ୍ମିଳନୀ

ଭୁବନେଶ୍ୱର,(ପି.ଏନ): ଭାରତୀୟ ଖାଦ୍ୟ ନିଗମ ଅବସରପ୍ରାପ୍ତ କର୍ମଚାରୀ ମଙ୍ଗଳ ସମିତି ଓଡ଼ିଶାର ତ୍ରୈମାସିକ ସମ୍ମିଳନୀ ସ୍ଥାନୀୟ ଅଶୋକ ନଗରସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭା ଆରମ୍ଭରୁ ସମିତିର ଦିବଂଗତ ସଭ୍ୟ ଯଥା : (୧) ନିହାର ରଞ୍ଜନ ପଟ୍ଟନାୟକ (୨) ରାହାସମଣି ମହାପାତ୍ର (୩) କୈଳାସ ଚନ୍ଦ୍ର ନାୟକ (୪) ଭାସ୍କରଚନ୍ଦ୍ର ଦାଶ (୫) ବେଣୁଧର ସ୍ୱାଇଁ (୬) ନବ କୁମାର କୁଣ୍ଡୁ (୭) ଗଗନ ବିହାରୀ ଜେନାଙ୍କ ସମ୍ମାନାର୍ଥେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।ଗତ ଏପ୍ରିଲ ୬ ତାରିଖ ତିରୁମନନ୍ତପୁର କେରଳରେ ଅନୁଷ୍ଠିତ ଜାତୀୟ ସମ୍ମିଳନୀରେ କେନ୍ଦ୍ରୀୟ କମିଟିର ଯୁଗ୍ମ ସମ୍ପାଦକ ରୂପେ ଓଡ଼ିଶାର ଶ୍ରୀଯୁକ୍ତ ମୁରଲୀ ମୋହନ ଆର୍ଯ୍ୟ ନିର୍ବାଚିତ ହୋଇଥିବାରୁ ତାଙ୍କୁ ସମିତି ତରଫରୁ ସମିତିର ପୃଷ୍ଠପୋଷକ ତଥା ଉପଦେଷ୍ଟା ଶ୍ରୀଯୁକ୍ତ ସତ୍ୟେନ୍ଦ୍ର ଲାଲ



ବୋଷ ପୁଷ୍ପଗୁଚ୍ଛ ଓ ସାଲ୍ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। କଟକ ଖାଦ୍ୟ ନିଗମ ଅବସରପ୍ରାପ୍ତ କର୍ମଚାରୀଙ୍କ ତରଫରୁ ଶ୍ରୀଯୁକ୍ତ ଭାଗ୍ୟଧର ଶତପଥୀ ସାଲ୍ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଭାରତ ସରକାର ତଥା ଆମର ପ୍ରତିରକ୍ଷା ବିଭାଗର ଅପରେସନ ସିନ୍ଦୁର ନାମରେ ନିଆଯାଇଥିବା ସଠିକ୍ ପଦକ୍ଷେପର ଭୂୟସୀ ପ୍ରଶଂସା କରାଯାଇଥିଲା। ସମିତିର ବର୍ତ୍ତମାନ କମିଟିର କାର୍ଯ୍ୟକାଳ ଆସନ୍ତା ଅଗଷ୍ଟ ମାସରେ ଶେଷ ହେଉଥିବାରୁ ଓ ସମିତିର ପରିଚାଳନା ନିମନ୍ତେ କମିଟିର କାର୍ଯ୍ୟକାଳ ଆଗାମୀ ତିନିବର୍ଷ ନିମନ୍ତେ ବୃଦ୍ଧି କରିବାର ପ୍ରସ୍ତାବ ସର୍ବସମ୍ମତିକ୍ରମେ ଅନୁମୋଦିତ ହୋଇଥିଲା ।ସମିତିର ତ୍ରୈମାସିକ ସମ୍ମିଳନୀ ସହିତ ପ୍ରତିମାସରେ ଥରେ ଏକାଠି ହେବାର ଚେଷ୍ଟା କରିବାକୁ ସଭ୍ୟମାନେ ମତ ଦେଇଥିଲେ। ସମିତିର ସଭାପତି ଶ୍ରୀ ଗୋବିନ୍ଦଚନ୍ଦ୍ର ଦାଶ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ବ୍ରହ୍ମପୁର ଓ ସମ୍ବଲପୁର ପରି ଦୂର ସ୍ଥାନରୁ ଯୋଗ ଦେଇଥିବା ପ୍ରତିନିଧିଙ୍କ ସହ ଉପସ୍ଥିତ ସମସ୍ତ ସଭ୍ୟଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସମାପ୍ତି ଘୋଷଣା କରିଥିଲେ।




# ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ଗେଟ ନିକଟରେ ଦୁଇଚକିଆ ଯାନ ରହଣି ପାଇଁ ନୂତନ ପାର୍କିଂ ସେଡ ଉଦଘାଟିତ

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ରେ ନିରାପତ୍ତା ଦୃଷ୍ଟିରୁ ଦୀର୍ଘଦିନ ହେବ ଦୁଇ ଚକିଆ ଯାନ ପ୍ରବେଶ ଉପରେ ବନ୍ଦର ପ୍ରଶାସନ କଟକଣା ଜାରି କରିଥିବାରୁ ବିଭିନ୍ନ କାର୍ଯ୍ୟ ନେଇ ବନ୍ଦର ମଧ୍ୟକୁ ପ୍ରବେଶ କରୁଥିବା ବହୁ ସଂଖ୍ୟକ କର୍ମଚାରୀ ଓ ଶ୍ରମିକ ମାନେ ସେମାନଙ୍କ ଦୁଇଚକିଆ ଯାନ ଗେଟ ବାହାରେ ରଖି କାର୍ଯ୍ୟସ୍ଥଳୀ କୁ ଯାଇଥାନ୍ତି । ତବେ ନିଷିଦ୍ଧାଞ୍ଚଳ ଗେଟ ବାହାରେ ରହୁଥିବା ଦୁଇ ଚକିଆ ଯାନ ମାନଙ୍କର ସୁରକ୍ଷା କୁ ଦୃଷ୍ଟିରେ ରଖି ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ପ୍ରଥମ ଥର ପାଇଁ ବନ୍ଦର ନିଷିଦ୍ଧାଞ୍ଚଳ ର ୩ ନମ୍ବର ଗେଟ ନିକଟରେ ଏକ ନୂତନ ଦୁଇଚକିଆ ଯାନ ପାର୍କିଂ ସେଡ ଶନିବାର



ସକାଳେ ଉଦଘାଟିତ ହୋଇଯାଇଛି । ଏହି ସେଡ କୁ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ଉଦଘାଟିତ କରିବା ଅବସରରେ ବନ୍ଦର ଉପାଧକ୍ଷ ନୀଳାଦ୍ରି ଦାସଗୁପ୍ତା ଙ୍କ ସମେତ ବରିଷ୍ଠ ପଦାଧିକାରୀ ମାନେ ଉପସ୍ଥିତ ଥିଲେ । ସୂଚନାଥାଉକି ପୂର୍ବରୁ ଏହି ଶ୍ରମିକ ଓ କର୍ମଚାରୀ ମାନେ ବନ୍ଦରର ୪ ନମ୍ବର ଗେଟ ଦେଇ ବନ୍ଦର ମଧ୍ୟକୁ ପ୍ରବେଶ କରୁଥିଲେ ଏବଂ ସେମାନଙ୍କ ଦୁଇ ଚକିଆ ରହଣି ପାଇଁ ଏକ ପାର୍କିଂ ସେଡ ର ମଧ ବ୍ୟବସ୍ଥା ହୋଇଥିଲା ।

# ପାରଳାରେ ମା'ଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ, ୨ ହତ୍ୟାକାରୀ ଗିରଫ, ସୁନା ଅଳଙ୍କାର ଉଦ୍ଧାର

ପାରଳାଖେମୁଣ୍ଡି,(ପି.ଏନ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ମା'ଙ୍କୁ ନାବାଳିକା ଝିଅ ଓ ତାର ପ୍ରେମିକଙ୍କ ହତ୍ୟା ଘଟଣାର ସମସ୍ତ ରହସ୍ୟକୁ ପୋଲିସ ପରଦାଫାଶ କରିବା ସହ ସମ୍ପୃକ୍ତ ଘଟଣାରେ ୨ଜଣଙ୍କୁ ଗିରଫ କରିଛି ପୁଲିସ. ପାରଳାଖେମୁଣ୍ଡି ଆଦର୍ଶ ଥାନା ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ହତ୍ୟାକାଣ୍ଡର ପରଦାଫାଶ କରି ସୂଚନା ପ୍ରଦାନ କରିଛନ୍ତିଯେ, ଗତ କିଛି ବର୍ଷ ତଳେ ରାସ୍ତାକଡ଼ରୁ ଏକ ୩ ଦିନର ଜନ୍ମିତ ଶିଶୁକନ୍ୟାକୁ କୋଳେଇ ଆଣିଥିବା ମା ରାଜଲକ୍ଷ୍ମୀ କର ଅତି ଉଚ୍ଚ ସ୍ୱପ୍ନ ରଖି କନ୍ୟାଟିକୁ ଲାଳନପାଳନ କରିଥିଲେ। ଉତ୍ତମ ତଥା ଶୃଙ୍ଖଳିତ ଶିକ୍ଷାଦାନ ପାଇଁ ଭୁବନେଶ୍ୱର ଛାଡ଼ି ଝିଅ ସହ ପାରଳାଖେମୁଣ୍ଡିକୁ ଆସିଥିଲେ ରାଜଲକ୍ଷ୍ମୀ। ପାରଳାରେ ତେଲି ଶୁଣ୍ଡିସାହିରେ ଭଡ଼ା ଘରେ ରହି କେନ୍ଦ୍ରୀୟ ବିଦ୍ୟାଳୟରେ ପାଠ ପଢ଼ାଇ ଉଚ୍ଚଶିକ୍ଷିତା କରିବାରେ ଲାଗି ପଡିଥିଲେ ରାଜଲକ୍ଷ୍ମୀ ଓ ହେଲେ ଝିଅଟି ଅଷ୍ଟମ ଶ୍ରେଣୀରେ ହିଁ ଅବାଟରେ ଯାଇ ପ୍ରାଣ ନେଇଛି ପାଳିତା ମା'ର । ଝିଅର ଅନୈତିକ ପ୍ରେମ ଓ ଦୁର୍ବୃତ୍ତଙ୍କ ସହ ସମ୍ପର୍କ ସବୁକିଛି ଓଲଟପାଲଟ କରିଦେଲା. ପ୍ରେମିକ ପାରଳାଖେମୁଣ୍ଡି ରାଜଗୁରୁ ସାହିର ଗଣେଶ ରଥ ଓରଫ ଚିହ୍ନ (୨୧) ସହ ମିଶି ମା'କୁ ହତ୍ୟା କଲା ନାବାଳିକା ଝିଅ ଓଡ଼ିଆ ପାରଳାସାହିର ଦୀନେଶ ସାହୁ ଓରଫ ଅମନ (୨୦) ଏସମ୍ପର୍କରେ ସେମାନଙ୍କୁ ସହାୟତା କରିଥିଲା ଓ ପ୍ରେମିକ ଓ ତା ସାଙ୍ଗ ସହ ମିଶି ମା'କୁ ହତ୍ୟା କରିଥିଲା ନାବାଳିକା । ଘଟଣା ଏପ୍ରିଲ୍ ମାସ ୨୯ ତାରିଖରେ ଘଟିଥିଲେ ମଧ ନାବାଳିକା କନ୍ୟାର ଇନଷ୍ଟା ଚ୍ୟାରୁ ସମସ୍ତ ତଥ୍ୟ ଜଣା ପଡିଥିଲା. ପାଠ ପଢିବା ପାଇଁ ଭୁବନେଶ୍ୱରରୁ ଆସି ଝିଅ ସହ ଭଡ଼ା



ଘରେ ୪ ବର୍ଷ ହେଲା ରହୁଥିଲେ ରାଜଲକ୍ଷ୍ମୀ। ପରଳାଖେମୁଣ୍ଡି କେନ୍ଦ୍ରୀୟ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିଲା ନାବାଳିକା କନ୍ୟା । ସ୍ଥାନୀୟ ଯୁବକ ପ୍ରେମରେ ପଡି ଅନୈତିକ କାମ କରୁଥିଲା। ଝିଅର ଅନୈତିକ କାର୍ଯ୍ୟରେ ପ୍ରତିବାଦ କରିଥିଲେ ମା' ରାଜଲକ୍ଷ୍ମୀ। ଏଥିରେ ବିବ୍ରତ ହୋଇ ପ୍ରେମିକ ସହ ମିଶି ମାକୁ ସବୁଦିନ ପାଇଁ ରାସ୍ତାରୁ ହଟାଇବାକୁ ଷଡ଼ଯନ୍ତ୍ର ରଚିଥିଲା ନାବାଳିକା । ପ୍ରଥମେ ଖାଦ୍ୟରେ ନିଶା ବଟିକା ଦେଇ ଅଚେତ କରାଇବା ପରେ ପ୍ରେମିକ ଗଣେଶ ଓ ସହଯୋଗୀ ଦିନେଶ ସହ ମିଶି ମୁହଁରେ ତକିଆ ଦେଇ ଶ୍ୱାସରୁଦ୍ଧ କରି ଗତମାସ ୨୯ ତାରିଖରେ ମା'କୁ ହତ୍ୟା କରିଥିଲେ। ମା'ର ମୃତ୍ୟୁ ପରେ ଯୋଜନାବଦ୍ଧ ଭାବେ ହୃଦ୍ ?ଘାତରେ ମୃତ୍ୟୁ ହୋଇଥିବା ଦର୍ଶାଇ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ଡାକ୍ତରଙ୍କୁ କୌଣସି ମତେ ବିଶ୍ୱାସ ଜନ୍ମାଇଥିଲେ। ଫଳରେ ଚିକିତ୍ସକ ଜଣକ ପୁଲିସ୍‌କୁ ଖବର ଦେଇନଥିଲେ । ସେଠାରୁ ମୃତଦେହକୁ ଏକ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ନେଇ ପରିବାର ଓ ସମ୍ପର୍କୀୟଙ୍କ ସହଯୋଗରେ ଶେଷକୃତ୍ୟ ସମ୍ପନ୍ନ କରିଥିଲା ଝିଅ। ପରବର୍ତ୍ତୀ ସମୟରେ ବିଭିନ୍ନ ମାଧ୍ୟମରେ ପ୍ରେମିକ ଓ ତାର ସହଯୋଗୀ ସହ ଇନଷ୍ଟାଗ୍ରାମରେ ଯୋଗାଯୋଗରେ ରହିଥିଲା । ପ୍ରେମିକ ସହ ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ଆଦାନ ପ୍ରଦାନ କରିଚାଲିଥିଲେ । ରାଜଲକ୍ଷ୍ମୀଙ୍କ ଏପରି ମୃତ୍ୟୁକୁ ନେଇ ପରିବାର ଲୋକେ ସନ୍ଦେହ କରିଥିଲେ । ଘଟଣାର ତଦନ୍ତ ପାଇଁ ମୃତ ରାଜଲକ୍ଷ୍ମୀଙ୍କ ଭାଇ ଶିବ ପ୍ରସାଦମିଶ୍ର ଗତ ଗୁରୁବାର ପାରଳାଖେମୁଣ୍ଡି ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରିବା ସହ କାଳବିଳମ୍ବ ନକରି ପୁଲିସ ତଦନ୍ତ ଆରମ୍ଭ କରିଥିଲା । ପାରଳାଖେମୁଣ୍ଡି ଏସଡିପିଓ ମାଧବାନନ୍ଦ ନାୟକଙ୍କ ନେତୃତ୍ୱରେ ସାଇଣ୍ଟିଫିକ୍ ଟିମ୍ ଓ ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ କୁମାର ରୂପତିଙ୍କ ସମେତ ପୁଲିସ୍ ଟିମ୍ ଘଟଣାସ୍ଥଳକୁ ଯାଇ ସିନ ରିକ୍ରିଏସନ୍ କରିଥିଲେ । ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଗଣେଶ ଓ ଦିନେଶଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଅଟକ ରଖାଯାଇଛି। ହତ୍ୟା ପରେ ପ୍ରେମିକ ଓ ସହଯୋଗୀ ରାଜଲକ୍ଷ୍ମୀ ପିନ୍ଧିଥିବା ୭ ତୋଳା ଓଜନର ସୁନା ଅଳଙ୍କାର ସହ ୬୦ ହଜାର ଟଙ୍କା ନେଇ ଯାଇଥିଲେ । ଗିରଫ ଅଭିଯୁକ୍ତଙ୍କ ଠାରୁ ପୁଲିସ୍ ବର୍ତ୍ତମାନ ସୁଦ୍ଧା ୨୬ ଗ୍ରାମ ସୁନା ଉଦ୍ଧାର କରିଥିବା ବେଳେ ଅବଶିଷ୍ଟ ସୁନାକୁ ଉଦ୍ଧାର କରିବାପାଇଁ ଉଦ୍ୟମ କରାଯାଇଥିବାର ସୂଚନା ଦିଆଯାଇଛି ଓ ଅଭିଯୁକ୍ତଙ୍କ ଠାରୁ ପୁଲିସ୍ ତିନି ସ୍ମାର୍ଟ ଫୋନ୍ ସହ ହତ୍ୟାରେ ବ୍ୟବହୃତ ଦୁଇ ତକିଆ ଏବଂ ଇନଷ୍ଟାଗ୍ରାମର ଚ୍ୟାଟି ମେସେଜର ସ୍କ୍ରିନସଟ ଆଦି ଜବତ କରିଛି।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray